ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.213 Bhubaneswar Thursday October 13 2022 ୨୫ତମ ବର୍ଷ ସଂଖ୍ୟା–୨୧୩ ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

ବିବାଦୀୟ ପ୍ରଣବଙ୍କ ନେତୃତ୍ୱରେ ଧାମନଗର ଲଢ଼େଇ, ବିଜେଡିରେ ବିସ୍ଫୋରକ ସ୍ଥିତି

ଭୁବନେଶ୍ୱର ,୧୨।୧୦(ପି.ଏନ): ଧାମନଗର ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଶେଷ ହେବାକୁ ଆଉ ମାତ୍ର ୨ଦିନ ଥିବାବେଳେ ବିଜେଡି ଓ ବିଜେପି ପକ୍ଷରୁ ଦଳୀୟ ନେତାମାନଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱ ନ୍ୟସ୍ତ ସହ ପ୍ରଚାର କାର୍ଯ୍ୟ ଜୋରଦାର ଢଙ୍ଗରେ ଚାଲିଛି । ତେବେ ଧାମନଗର ଉପନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଚୟନ ଓ ପରିଚାଳନାର ସମସ୍ତ ଦାୟିତ୍ୱ ବିବାଦୀୟ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ନ୍ୟସ୍ତ ହୋଇଥିବାକୁ ନେଇ ବିଜେଡିରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଦଳର ଅଭିଜ୍ଞ ତଥା ସାଂଗଠନିକ ଦକ୍ଷତା ଥିବା କ୍ଲିନ୍ ଇମେଜ୍ ନେତାମାନଙ୍କୁ ଅଣଦେଖା କରି କେବଳ ଯାଜପୁର ଓ ଭଦ୍ରକ ଜିଲ୍ଲାର ଦଳୀୟ ନେତାମାନଙ୍କୁ ନେଇ ଧାମନଗରରେ ବିଜେଡି ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବା ତଥା ରାଜେନ୍ଦ୍ର ଦାସ ଓ ମୁକ୍ତିକାନ୍ତ ମଣ୍ଡଳଙ୍କ ଭଳି ନେତାଙ୍କୁ ଅଣଦେଖା କରି ଅପ୍ରତ୍ୟାଶିତ ଭାବେ ଅବନ୍ତୀ ଦାସ ନାମକ ଜଣେ ମହିଳାଙ୍କୁ ଦଳୀୟ ପ୍ରାର୍ଥୀ କରାଯିବାକୁ ନେଇ ବିଜେଡିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି ।ବିଜେଡି ନିଜ ଦଳର ମୁଖିଆ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତିକୁ ନିର୍ବାଚନରେ ମାର୍କେଟିଂ କରୁଥିବାବେଳେ ପୁଳାପୁଳା ଦୁର୍ନୀତି ଓ କେଳେଙ୍କାରୀ ଅଭିଯୋଗରେ ବିବାଦୀୟ ପ୍ରଣବ ବଳବନ୍ତରାୟଙ୍କୁ ଧାମନଗରରେ ନିର୍ବାଚନ ପରିଚାଳନାର ନେତୃତ୍ୱ ଦାୟିତ୍ୱ ନ୍ୟସ୍ତ କରି ବିଜେଡି ପରୋକ୍ଷରେ 'ଚଟୁ ନିରାମିଷ, ବେଣ୍ଡ ଆମିଷ'ର ଫର୍ମୂଲା ଧାମନଗର ଉପନିର୍ବାଚନରେ ରଖିବାକୁ ଉଦ୍ୟମ କରିଛି । ଆଉ ଦଳୀୟ ପ୍ରାର୍ଥୀ ଚୟନକୁ ନେଇ ଧାମନଗରର ବିଜେଡି କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ଜଣାପଡିଛି ।ସୂଚନା ଅନୁସାରେ, ଧାମନଗର ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଥିବା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ ଗତ କିଛିଦିନ ଧରି ଦଳର ନେତାମାନଙ୍କ ସହ ମିଶି ପ୍ରଚାର ମଇଦାନରେ ସକ୍ରିୟ ରହିଛନ୍ତି । ଅନ୍ୟତମ ଆଶାୟୀ ମୁକ୍ତିକାନ୍ତ ମଣ୍ଡଳଙ୍କୁ ଦଳ ବୁଝାସୁଝା କରିବା ପରେ ସେ ପ୍ରାର୍ଥୀ ଟିକିଟରୁ ଓହରି ଯାଇଥିଲେ ଏବଂ ରାଜେନ୍ଦ୍ରଙ୍କୁ ଦଳୀୟ ଟିକେଟ୍ ମିଳିବାର ସମ୍ଭାବନା ଅଧିକ ଥିଲା ବୋଲି ଚର୍ଚ୍ଚା ହେଉଥିଲା । ମାତ୍ର ଆଜି ଅଚାନକ ରାଜେନ୍ଦ୍ରଙ୍କୁ ଭୁବନେଶ୍ୱର ଡକାଇ ତାଙ୍କୁ ପ୍ରାର୍ଥୀ କରାଯିବନି ଓ ଅବନ୍ତୀ ଦାସଙ୍କୁ ଦଳ ଟିକେଟ୍ ଦେବ ବୋଲି ଘୋଷଣା କରିଛି । ଯାହାକୁ ନେଇ ଧାମନଗରରେ ରାଜେନ୍ଦ୍ରଙ୍କ ସମର୍ଥକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଯଦିଓ ଆନୁଷ୍ଠାନିକ ଭାବେ କେହି କିଛି କହୁନାହାନ୍ତି ମାତ୍ର ଧାମନଗର ବିଜେଡିରେ ଦଳୀୟ କର୍ମୀଙ୍କ ମଧ୍ୟରେ ଆକ୍ରୋଶ ବୃଦ୍ଧି ପାଇଛି ।ଧାମନଗର ବ୍ଲକରେ ବିଜେପିର ସୁଦୃ ? ସଂଗଠନ ଥିବାବେଳେ ରାଜେନ୍ଦ୍ର ଓ ମୁକ୍ତିକାନ୍ତଙ୍କ ମଧ୍ୟରେ ଗୋଷ୍ଠୀକନ୍ଦଳ ଯୋଗୁ ଧାମନଗର ଏନଏସି ବି ଏବେ ହାତଛଡା ଅବସ୍ଥାକୁ ଆସିଯାଇଛି । ତା'ଛଡା ତିହିଡି ବ୍ଲକ ଅଧ୍ୟକ୍ଷ ଅବନ୍ତୀ ଦାସଙ୍କୁ ଦଳୀୟ ପ୍ରାର୍ଥୀ କରି ମହିଳା କାର୍ଡ ଖେଳିବାକୁ ବିଜେଡି ପ୍ରୟାସ କରୁଥିଲେ ଧାମନଗର ବିଧାନସଭାରେ ଥିବା ତିହିଡିର ମାତ୍ର ୧୨ଟି ପଂଚାୟତରେ ବି ଅବନ୍ତୀ ସ୍ଥିତି ଭଲ ନଥିବା ଜଣାପଡିଛି । ରାଜେନ୍ଦ୍ର ଓ ମୁକ୍ତିକାନ୍ତ ମଧ୍ୟ ନିର୍ବାଚନମଣ୍ଡଳୀରେ ଆଉ ଗୋଟିଏ ନୂଆ ଶକ୍ତି ଉଭା ହେବାକୁ ସହଜରେ ନେଇପାରୁନଥିବାରୁ ସେମାନଙ୍କ ସମର୍ଥକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିବା ସୂଚନା ମିଳିଛି । ଆଉ ପ୍ରାର୍ଥୀ ଚୟନରେ ଏଭଳି ଅନ୍ତର୍ଘାତୀ କାର୍ଯ୍ୟ ଓ ଅବନ୍ତୀଙ୍କୁ ପ୍ରାର୍ଥୀ କରିବା ପଛରେ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟଙ୍କ ଜୋରଦାର ଲବି କାମ ଦେଲା ବୋଲି ଚର୍ଚ୍ଚା ହେଉଛି ।ସେହିପରି ଧାମନଗର ଉପନିର୍ବାଚନ ପରିଚାଳନାର ସମସ୍ତ ଦାୟିତ୍ୱ ଧର୍ମଶାଳା ବିଧାୟକ ତଥା ଭଦ୍ରକ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟଙ୍କୁ ଦିଆଯାଇଛି । ସେ ନିର୍ବାଚନ ପରିଚାଳନା ନିମନ୍ତେ ନିଜ ଟିମ୍ ଚୟନ କରିଛନ୍ତି । ଯେଉଁମାନେ ତାଙ୍କ କଥା ଶୁଣିବେ ସେଭଳି ନେତାମାନଙ୍କୁ ନିଜ ଟିମରେ ସେ ସାମିଲ କରିଥିବା ଜଣାପଡିଛି । ତେବେ ଚିଟଫଣ୍ଡ ଦୁର୍ନୀତିରେ ୨ଥର ସିବିଆଇ ଦ୍ୱାରା ଜେରା, ଗ୍ୟାଙ୍ଗଷ୍ଟାର ଡି-ବ୍ରଦର୍ସ ସହ ବ୍ୟବସାୟିକ ଲିଙ୍କ୍ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଜେରା, ଘଙ୍ଗାପାଟଣା ଜମି ଦୁର୍ନୀତି, ଇଚ୍ଛାଧୀନ କୋଟାରେ ଏକାଧିକ ଘର ନେଇ ସେଥିରୁ ୨ଟି ଫେରସ୍ତ କରିବା, ମାମୁ-ଭଣଜା ଘାଇ ଓ ଡଙ୍କାରୀ ପାହାଡ ଲୁଟ୍ ଆଦି ମାମଲାରେ ବିଧାୟକ ଶ୍ରୀ ବଳବନ୍ତରାୟ ବିବାଦୀୟ ଥିବାବେଳେ ଏଭଳି ନେତାଙ୍କୁ ବିଜେଡି କିପରି ଧାମନଗର ଉପନିର୍ବାଚନ ଦାୟିତ୍ୱ ଦେଇଛି ତାକୁ ନେଇ ପ୍ରଶ୍ନ ଉଠିଛି ।ଇଚ୍ଛାଧୀନ କୋଟାରେ ଘର ୨୦୧୪ ସେପ୍ଟେମ୍ବର ୧୦ରେ ଦୁଇଟି ସରକାରୀ ଘର ଫେରାଇଥିବା ପ୍ରଣବଙ୍କୁ ଏଟି ଗ୍ରୁପ୍ ଚିଟଫଣ୍ଡ ଦୁର୍ନୀତିରେ ସିବିଆଇ ୨ଥର ଜେରା କରିଛି । ଶେଷଥର ୨୦୧୮ ମେ' ମାସରେ ଜେରା କରିଥିବାବେଳେ ଗ୍ୟାଙ୍ଗଷ୍ଟର ଡି-ବ୍ରଦର୍ସ ସହ ଲୁହାପଥର କାରବାର ପାଇଁ ଇଡି ମଧ୍ୟ ସେହି ମେ' ମାସରେ ଜେରା କରିଥିଲା । ତାଙ୍କ ନାଁରେ ଘଙ୍ଗାପାଟଣାର ୨ ଏକର ସରକାରୀ ଜମି ବେଆଇନ ଭାବେ ରେକର୍ଡଭୁକ୍ତ ହେବା ଓ ତାଙ୍କ ଟ୍ରଷ୍ଟ ଦ୍ୱାରା ଏକର ଏକର ସରକାରୀ ଜମି ମଧ୍ୟ ଜବରଦଖଲରେ ରହିଛି । କେବଳ ସେତିକି ନୁହେଁ ମାମୁଁ-ଭଣଜା ନଦୀ ଘାଇ ଭଙ୍ଗା ମାମଲାରେ ଲୋକାୟୁକ୍ତ ତାଙ୍କୁ ନୋଟିସ୍ ବି କରିଥିଲେ । ଡଙ୍କାରୀ ପାହାଡ ଲୁଟ୍ ମାମଲାରେ ତାଙ୍କ ନାଁରେ ମଧ୍ୟ ଅଭିଯୋଗ ରହିଛି । ଏସବୁ ସତ୍ତ୍ୱେ ତାଙ୍କୁ ବିଜେଡି କିଭଳି ଧାମନଗର ଉପନିର୍ବାଚନ ପରିଚାଳନା ଦେଇଛି ତାହା ଦଳୀୟ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି ।ସୂଚନାଯୋଗ୍ୟ, ଧାମନଗର ଉପନିର୍ବାଚନ ପାଇଁ ପ୍ରମିଳା ମଲ୍ଲିକଙ୍କୁ ତିହିଡି ବ୍ଲକ ଦାୟିତ୍ୱ ମିଳିଥିବାବେଳେ ଧାମନଗର ବ୍ଲକ ଦାୟିତ୍ୱରେ ମଞ୍ଜୁଲତା ମଣ୍ଡଳ ଓ ଅଶୋକ ନାୟକ, ଧାମନଗର ଏନଏସି ଦାୟିତ୍ୱରେ ପ୍ରଫୁଲ୍ଲ ସାମଲ ଓ ଭବପ୍ରସାଦ ଦାସ, ତିହିଡି ଜୋନ-୧ ଦାୟିତ୍ୱରେ ବ୍ୟୋମକେଶ ରାୟ ଓ ଜ୍ୟୋତି ପ୍ରାଣିଗ୍ରାହୀ, ତିହିଡି ଜୋନ-୨ରେ ବିଷ୍ଣୁବ୍ରତ ରାଉତରାୟ ଓ ପର୍ଶୁରାମ ଧଡା, ଧାମନଗର ବ୍ଲକ୍ ଜୋନ-୧ରେ ପ୍ରୀତିରଞ୍ଜନ ଘଡ ?ଇ ଓ ସୁଲତା ଦେଓ, ଧାମନଗର ବ୍ଲକ ଜୋନ-୨ରେ ଅଶୋକ ବଳ ଓ ସୁନନ୍ଦା ଦାସ, ଧାମନଗର ବ୍ଲକ ଜୋନ-୩ରେ ଅମର ପ୍ରସାଦ ଶତପଥୀ ଓ ଜୋନ୍ ?-୪ରେ ସଞ୍ଜିବ ମଲ୍ଲିକଙ୍କୁ ଦାୟିତ୍ୱ ନ୍ୟସ୍ତ ହୋଇଛି ।ତେବେ ବିଜେଡି ଏକ ଆଂଚଳିକ ଦଳ ହୋଇଥିବାବେଳେ ଦଳର ଅଭିଜ୍ଞ ଓ କ୍ଲିନ୍ ଇମେଜ୍ ଥିବା ନେତାମାନଙ୍କୁ ପଛରେ ପକାଇ ଏପରି ବିବାଦୀୟ ଓ ନିରଦ୍ଦିଷ୍ଟ ଗୋଟିଏ ଜିଲ୍ଲାର ନେତାମାନଙ୍କୁ ଅଗ୍ରାଧିକାର ଦିଆଯିବା ତଥା ଦଳୀୟ ପ୍ରାର୍ଥୀ ଚୟନ ଓ ନିର୍ବାଚନ ପରିଚାଳନାକୁ ନେଇ ବିଜେଡିରେ ଏବେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି ।

ଧାମନଗର ଉପନିର୍ବାଚନ : ପ୍ରାର୍ଥୀ ଘୋଷଣା କଲେ ୩ ପ୍ରମୁଖ ଦଳ: ଜମିବ ପ୍ରଚାର

ଭୁବନେଶ୍ୱର,୧୨।୧୦(ପି.ଏନ): ଆସନ୍ତା ନଭେମ୍ବର ୩ ତାରିଖରେ ଧାମନଗର ବିଧାନସଭା ପାଇଁ ଉପନିର୍ବାଚନ ହେବ। ଏଥି ପାଇଁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛନ୍ତି। ଉପନିର୍ବାଚନ ପାଇଁ ଗତ ୯ ତାରିଖ ଦିନ ଭାରତୀୟ ଜନତା ପାର୍ଟି (ବିଜେପି) ନିଜର ପ୍ରାର୍ଥୀ ଘୋଷଣା କରିଥିଲା ବେଳେ ଆଜି କଂଗ୍ରେସ ଓ ଶାସକ ବିଜେଡି ଦଳ ନିଜର ପ୍ରାର୍ଥୀଙ୍କୁ ନିର୍ବାଚନୀ ମଇଦାନରେ ଅବତୀର୍ଣ୍ଣ କରାଇଛନ୍ତି। ତିନି ପ୍ରମୁଖ ଦଳର ପ୍ରାର୍ଥୀ ଘୋଷଣା ପରେ ବର୍ତ୍ତମାନ ରାଜ୍ୟ ରାଜନୀତି ସରଗରମ ହୋଇଛି। ପ୍ରାର୍ଥୀ ସ୍ପଷ୍ଟ ହେବା ପରେ ୩ ଦଳର କର୍ମକର୍ତାଙ୍କ ମଧ୍ୟ ଉତ୍ସାହ ଦେଖାଦେଇଛି। ବିଜେପି ପ୍ରଚାର ଆରମ୍ଭ କରିସାରିଥିବା ବେଳେ ପ୍ରାର୍ଥୀପତ୍ର ଦାଖଲ ପରେ ବିଜେଡି ଓ କଂଗ୍ରେସର ପ୍ରଚାର ଜୋରଦାର ହେବ ବୋଲି ଜଣାପଡିଛି। ଧାମନଗର ଉପନିର୍ବାଚନ ପାଇଁ ବିଜେପି ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ସୂରଜଙ୍କୁ ପ୍ରାର୍ଥୀ କରିଛି । ସୂର୍ଯ୍ୟବଂଶୀ ସୂରଜ ନିଜର ନାମାଙ୍କନ ପତ୍ର ଦାଖଲ କରିସାରିଥିଲା ବେଳେ ପ୍ରଚାର ଆରମ୍ଭ କରିଦେଇଛନ୍ତି। ସେହିପରି ଆଜି ବାବା ହରେକୃଷ୍ଣ ସେଠୀଙ୍କୁ କଂଗ୍ରେସର ପ୍ରାର୍ଥୀ ଘୋଷଣା କରିଥିବା ବେଳେ ବିଜେଡିର ପ୍ରାର୍ଥୀ ଭାବେ ଅବନ୍ତୀ ଦାସଙ୍କୁ ମଇଦାନକୁ ଓହ୍ଲାଇଛି । ଉଭୟ ବିଜେପି ଓ କଂଗ୍ରେସ ପୁରୁଷ ପ୍ରାର୍ଥୀ ଦେଇଥିବା ବେଳେ ବିଜେଡି ଏଠାରେ ମହିଳା ପ୍ରାର୍ଥୀ ଛିଡ଼ା କରାଇଛି। ପୂର୍ବରୁ ଏଠାରେ ବିଜେପିର ପ୍ରାର୍ଥୀ ଥିବା ବିଷ୍ଣୁ ସେଠୀ ନିର୍ବାଚନ ଜିତିଥିଲା ବେଳେ ଏଥର ଜଣେ ମହିଳା ପ୍ରାର୍ଥୀଙ୍କୁ ଚୟନ କରିଛି ବିଜେଡି। ଉଚ୍ଚଶିକ୍ଷିତ ସୂରଜ ଇଂଜିନିୟରିଂ ଛାଡି ଗତ ନିର୍ବାଚନରେ ବାପାଙ୍କୁ ରାଜନୀତିରେ ସହଯୋଗ କରୁଥିଲେ। ଜଣେ ଯୁବ ସଂଗଠକ ଭାବେ ଧାମନଗରରେ ତାଙ୍କର ସୁନାମ ରହିଛି। ସେହିପରି ଅବନ୍ତୀ ଦାସ ଗତ ପଂଚାୟତ ନିର୍ବାଚନରେ ସେ କାଁପଡ଼ା ପଂଚାୟତରୁ ସମିତି ସଭ୍ୟା ଭାବେ ନିର୍ବାଚିତ ହୋଇ ବ୍ଲକ ଅଧ୍ୟକ୍ଷା ଥିଲେ। ସେ ମିଶନ ଶକ୍ତି ସ୍ୱଂୟ ସହାୟକ ଗୋଷ୍ଠୀରେ ମଧ୍ୟ ସକ୍ରିୟ ଅଛନ୍ତି। ତାଙ୍କୁ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ଧାମନଗର ଉପନିର୍ବାଚନ ପାଇଁ ଟିକେଟ୍ ଦେଇଛନ୍ତି। ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ବାବା ହରୋକୃଷ୍ଣ ସେଠୀ ହେଉଛନ୍ତି ଜଣେ ଯୁବ ଆଇନଜୀବୀ। ସେ ଏବେ ଧାମନଗର କୋର୍ଟରେ କାର୍ଯ୍ୟରତ ଅଛନ୍ତି। କଂଗ୍ରେସର ଜଣେ ତୃଣମୂଳସ୍ତରର ସଂଗଠକ ହେଉଛନ୍ତି ଶ୍ରୀ ସେଠୀ। ସେ ଧାମନଗର ବ୍ଲକର ରାଜୀବ ଗାନ୍ଧି ସେବା ସଂଗଠନର ସଭାପତି, ଦଳିତ ସଂଗଠନର ନେତା ଭାବେ ବିଭିନ୍ନ ସାଂଗଠନିକ କାର୍ଯ୍ୟ ସୂଚାରୁ ରୂପେ କାର୍ଯ୍ୟ କରିଆସୁଛନ୍ତି। ଜିଲ୍ଲାର ଜଣେ ଦଳିତ ନେତା ଭାବରେ ସେ ଜଣାଶୁଣା। ଉଲ୍ଲେଖଯୋଗ୍ୟ ଯେ, ବିଧାୟକ ବିଷ୍ଣୁ ସେଠୀଙ୍କ ପରଲୋକ ପରେ ଧାମନଗରରେ ଉପନିର୍ବାଚନ ହେବାକୁ ଯାଉଛି। ଆସନ୍ତା ନଭେମ୍ବର ୩ ତାରିଖରେ ଧାମନଗର ଉପନିର୍ବାଚନ ପାଇଁ ମତଦାନ ହେବ।

ତହସିଲର ଲାଞ୍ଚୁଆ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଧରିଲା ଭିଜିଲାନ୍ସ

ନୂଆପଡା,୧୨।୧୦(ପି.ଏନ): ଭିଜିଲାନ୍ସ ହାତରେ ଧରା ପଡିଛନ୍ତି ଖଡିଆଳ ତହସିଲର ଲାଞ୍ଚୁଆ ଡାଟା ଏଣ୍ଟ୍ରି ଅପରେଟର। ଆଜି ରେସିଡେନ୍ସ ସାର୍ଟିଫିକେଟ୍ କରାଇ ଦେବା ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ସେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ତାଙ୍କ ନାମ ଭୋଲା ମହେଶ୍ୱର ଦଣ୍ଡସେନା।ସୂଚନା ମୁତାବକ, ୧୫ ଜଣଙ୍କୁ ରେସିଡେନସ୍ ସାର୍ଟିଫିକେଟ୍ କରାଇ ଦେବା ପାଇଁ ସେ ଲାଞ୍ଚ ମାଗିଥିଲେ। ଏନେଇ ଭିଜିଲାନ୍ସରେ କିଛି ଲୋକ ଅଭିଯୋଗ କରିଥିଲେ। ଆଜି ଅଭିଯୋଗକାରୀ ରାନୀମୁଣ୍ଡା ଗ୍ରାମର ନିତ୍ୟାନନ୍ଦ ହିଆଲଙ୍କଠାରୁ ଭୋଲା ମହେଶ୍ୱର ୩୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ କୋରାପୁଟ ଭିଜିଲାନ୍ସ ଚ ?ାଉ କରି ଧରିଥିଲା। ଲାଞ୍ଚ ଟଙ୍କା ଜବତ କରାଯିବା ସହ ତାଙ୍କୁ ଭିଜିଲାନ୍ସ ନିଜ କଷ୍ଟଡିକୁ ନେଇଛି ।ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ପୈତୃକ ଘର ବୋଡେନ ଥାନା ଖଇରା ଗାଁ ଘରେ ରେଡ୍ ଚାଲିଛି। ତାଙ୍କ ଆୟ ଓ ଆୟ ବର୍ହିଭୂତ ସମ୍ପତ୍ତି ସମ୍ପର୍କରେ ଜାଣିବା ପାଇଁ ଏହି ରେଡ୍ କରାଯାଉଥିବା ସୂଚନା ମିଳିଛି।

୩୦ ହଜାର ଟଙ୍କା ଲାଂଚ ନେଇ ଭିଜିଲାନ୍ସ ଜାଲରେ ପଡିଲେ ଖଡ଼ିଆଳ ତହସିଲ କାର୍ଯ୍ୟାଳୟ ଡିଇଓ

ନୂଆପଡ଼ା,୧୨।୧୦(ପି.ଏନ): ଆବାସିକ ପ୍ରମାଣ ପତ୍ର ପ୍ରଦାନ ପାଇଁ ଖଡ଼ିଆଳ ତହସିଲ କାର୍ଯ୍ୟାଳୟର ଡିଇଓ ଭିଜଲାନ୍ସ ଜାଲରେ ଧରା ପଡିଛନ୍ତି । ପୂର୍ବ ଚୁକ୍ତି ମୁତାବକ ୧୫ ଗୋଟି ଆବାସିକ ପତ୍ର ପାଇଁ ୨ ହଜାର ଟଙ୍କା ଲାଂଚ କାରବାରରେ ତହସିଲ ଡିଇଓ ଭୋଳା ମହେଶ୍ୱର ଦଣ୍ଡସେନା ଧରାପଡିଛନ୍ତି। ଅଭିଯୋଗକାରୀ ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଗ୍ରାମ ରାଣୀମୁଣ୍ଡା ଗ୍ରାମର ନିତ୍ୟାନନ୍ଦ ହିଆଲ ସହ ପରିବାରର ୮ ଜଣ ଏବଂ ଗ୍ରାମର ୭ ଜଣଙ୍କ ଏପରି ମୋଟ ୧୫ ଜଣଙ୍କର ଆବାସିକ ପ୍ରମାଣ ପତ୍ର ପାଇଁ ୨ ହଜାର ଟଙ୍କା ଲେଖାଏଁ ମୋଟ ୩୦ ହଜାର ଟଙ୍କାରେ ଚୁକ୍ତି ହୋଇଥିଲା। ଭିଜିଲାନ୍ସ ଡ଼ିଏସପି ଦୀନବନ୍ଧୁ ବେହେରାଙ୍କ ନେତୃତ୍ୱରେ ଏକ ଦଳ ତହସିଲଦାର କାର୍ଯ୍ୟାଳୟରେ ଚଢ଼ାଉ କରିଥିଲେ। ଏହି ଚଢାଇ ବେଳେ କଳାହାଣ୍ଡି ଡ଼ିଏସପି ସଦାନନ୍ଦ ପାଣି, ଭିଜିଲାନ୍ସ ଇନିସ୍ପେକ୍ଟର ପ୍ରମିଳା ସୁନା ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ। ବର୍ତ୍ତମାନ ଭିଜିଲାନ୍ସ ବିଭାଗ କର୍ମଚାରୀ ଅଭିଯୁକ୍ତଙ୍କ ଖଇରା ଗ୍ରାମକୁ ଯାଇଛନ୍ତି।

ମହିଳା କାର୍ଡ ଖେଳିଲା ବିଜେଡି, ଅବନ୍ତୀ ଦାସ ହେଲେ ପ୍ରାର୍ଥୀ

ଭୁବନେଶ୍ୱର,୧୨।୧୦(ପି.ଏନ) : ମହିଳା କାର୍ଡ ଖେଳିଲା ବିଜେଡି। ଆଲୋଚନା ଓ ପର୍ଯ୍ୟାଲୋଚନାର ଅନ୍ତ ଘଟାଇ ଆଜି ବିଜେଡି ପ୍ରାର୍ଥୀ ଘୋଷଣା କରିଛି ।ଧାମନଗର ନିର୍ବାଚନମଣ୍ଡାରେ ହେବାକୁ ଥିବା ଉପନିର୍ବାଚନରେ ଅବନ୍ତୀ ଦାସ ହେଲେ ବିଜେଡି ପ୍ରାର୍ଥୀ। ଅବନ୍ତୀ ହେଉଛନ୍ତି ତିହିଡି ବ୍ଲକ ଅଧ୍ୟକ୍ଷା। ତିହିଡି ବ୍ଲକରେ ତାଙ୍କର ଦବ୍ ?ଦବା ରହିଛି। ଏଥିସହ ସେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କ ସମର୍ଥକ ବୋଲି ଆଲୋଚନା ହେଉଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ଅବନ୍ତୀ ।ବିଜେଡି ପ୍ରାର୍ଥୀ ଘୋଷଣା ପରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ କହିଛନ୍ତି, ଅବନ୍ତୀ ଦାସ ମୋ ସଂପର୍କୀୟ। ମୁଁ ତାଙ୍କୁ ବ୍ଲକ ଅଧ୍ୟକ୍ଷା କରାଇଥିଲି। ତାଙ୍କ ବିଜୟ ପାଇଁ ସଂପୂର୍ଣ୍ଣ ସହଯୋଗ ରହିବି ବୋଲି ରାଜେନ୍ଦ୍ର ଦାସ କହିଛନ୍ତି ।ନଭେମ୍ବର ୩ ତାରିଖରେ ଅନୁଷ୍ଠିତ ହେବ ଧାମନଗର ଉପନିର୍ବାଚନ। ସେଥିପାଇଁ ଧାମନଗର ରାଜନୀତି ପାଣିପାଗ ଉଷ୍ମ ହେଲାଣି। ବିଜେପି ସୂରଜ ସୂର୍ଯ୍ୟବଂଶୀଙ୍କୁ ପ୍ରାର୍ଥୀ କରିଥିବା ବେଳେ ବାବା ହରେକୃଷ୍ଣ ସେଠୀଙ୍କୁ ପ୍ରାର୍ଥୀ କରିଛି କଂଗ୍ରେସ। ମଙ୍ଗଳବାର ସୂରଜ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାରେ ତୁରନ୍ତ ତଦନ୍ତ ରିପୋର୍ଟ ଦେବାକୁ ଡିସିପିଙ୍କୁ ନିର୍ଦ୍ଦେଶ ଦେଲା ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର,୧୨।୧୦(ପି.ଏନ): ବହୁଚର୍ଚ୍ଚିତ ବିଜେବି କଲେଜ୍ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାରେ ତୁରନ୍ତ ତଦନ୍ତ ରିପୋର୍ଟ ଦେବାକୁ ଉଚ୍ଚଶିକ୍ଷା ବିଭାଗ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଉଚ୍ଚଶିକ୍ଷା ବିଭାଗର ମୁଖ୍ୟ ସଚିବ ବିଷ୍ଣୁପଦ ସେଠୀ।ଅକ୍ଟୋବର ୧୨ ତାରିଖ (ଆଜି) ସୁଦ୍ଧା ବର୍ତ୍ତମାନର ଅନୁସନ୍ଧାନ ସ୍ଥିତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଗତ ଜୁଲାଇ ୨ ତାରିଖରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ କଳା ଛାତ୍ରୀ ରୁଚିକା ମହାନ୍ତି କାରୁବାକୀ ଛାତ୍ରୀନିବାସରେ ଆତ୍ମହତ୍ୟା କରିଥିଲେ। ୩ ସିନିୟର୍ ଛାତ୍ରୀଙ୍କ ମାନସିକ ନିର୍ଯାତନା କାରଣରୁ ସେ ଆତ୍ମହତ୍ୟା କରିଥିବା ସୁଇସାଇଡ୍ ନୋଟରେ ଉଲ୍ଲେଖ କରିଥିଲେ।ଏହି ମାମଲାରେ ପୋଲିସ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ନେଇ ରୁଚିକାର ପରିବାର ବର୍ଗ ପକ୍ଷରୁ ବାରମ୍ବାର ଅଭି

ଟି ଟାଇମ୍

ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ । ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ । ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି । କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ । ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ । ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ । ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ । ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି । ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି । ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ । ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି । ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି । ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି ।

୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର । ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍ । କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ । ସୁନାରେ ପ୍ରସ୍ତୁତ ଚକୋଲେଟ୍ । ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ

। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି । ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି । ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି । ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି ।

ପୁରାଣ କାହାଣୀ

ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର

ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ । ଏଭଳି ପରିସ୍ଥିତିରେ କାର୍ତ୍ତବିୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ । ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ । ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ । ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ । ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଜିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଦକ ରଖିଥାନ୍ତି । ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳିଳ ଫଟୋକୁ ଗ୍ରହଣ କରୁଛି । ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ । ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି । ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ

ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି । ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି । କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ । କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି । ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି । ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି ।

ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି । ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ

ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି । ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି । ମାମଲାଟି ୨୦୧୨ ମସିହାର । ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା । ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ । ପରେ ଏହି ଟଙ୍କାରେ ସେ ଗହଣା,ପ୍ରସାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ । ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ । ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ । ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି । ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା । ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ । ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି ।

ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି । ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି । ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା । ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି । ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି । ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି ।

ଆଜିର ଭାଗ୍ୟ

ମେଷ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

ବୃଷ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

ମିଥୁନ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

କର୍କଟ
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

ସିଂହ
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

କନ୍ୟା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

ତୁଳା
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

ବିଛା
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

ଧନୁ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

ମକର
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

କୁମ୍ଭ
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

ମୀନ
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ପୋମିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରୀ ସାବ୍ୟସ୍ତ ହୋଇପାରେ । ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ । ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ

ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି । ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ । ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ । ଯାହା ସାଧାରଣତଃ ହାନିକାରକ ନୁହ

ବନ୍ୟଜନ୍ତୁ ସଂରକ୍ଷଣ

ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବି ପର୍ବତମାଳା, ତରଙ୍ଗଶୋଭିତ ନଦୀସକଳ ହଂସକାରାଣ୍ଡାକାଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଶାଳ , ପିଆଶାଳ, ଅଶିନ, ଆମ୍ର, ପଣସ ଆଦି ବୃକ୍ଷ ପରିପୂର୍ଣ୍ଣ ଘଂଚ ଜଙ୍ଗଲ। ପ୍ରକୃତିର ଏକ ସୌନ୍ଦର୍ଯ୍ୟମୟୀ ନୟନାଭିରାମ ଦୃଶ୍ୟ। ଅରଣ୍ୟର ଗୁରୁଗମ୍ଭୀର କାନ୍ତକମନୀୟ, ପରିବେଶ ମନୁଷ୍ୟର ହୃଦୟସ୍ପର୍ଶୀ ହୋଇଥାଏ। ଜଙ୍ଗଲ ହିଁ ମନୁଷ୍ୟ ସଭ୍ୟତାର ଜୀବନ। ଏହି ବିଚିତ୍ରବର୍ଣ୍ଣ ବନଭୂମିରେ ବନ୍ୟ ପଶୁପକ୍ଷୀମାନଙ୍କର ଜୀବନଯାପନର ପ୍ରଣାଳୀ ମନୁଷ୍ୟକୁ ପରିତୃପ୍ତ କରିଥାଏ। ସେମାନଙ୍କର ଗୁଞ୍ଜନ, ଗର୍ଜନ, ରାବ ଓ କାକଳିରେ ବନଭୂମିରେ ସୃଷ୍ଟିହୁଏ ଶ୍ରୁତିମଧୂର ଓ ଭୀତଚକିତ ପରିବେଶ।

ମହିଷିମାନଙ୍କର ସିଂହ ସହିତ ଲଢେଇ, ବ୍ୟାଘ୍ର ଗଜର ସମର, ବ୍ୟାଘ୍ର ଦେଖି ହରିଣ ଯୂଥର ପଳାୟନ, ମହାବଳ ବାଘ, ଭାଲୁ, ଗଧିଆ, ସରୀସୃପ ଓ ବିଭିନ୍ନ ବନ୍ୟଜନ୍ତୁଙ୍କର ଗତିବିଧି ଦର୍ଶକଙ୍କ ମନକୁ କରେ ପୁଲକିତ। ଚିଡିଆଖାନା ଠାରୁ ମୁକ୍ତ ବନ୍ୟ ପରିବେଶରେ ଥିବା ପଶୁପକ୍ଷୀମାନଙ୍କୁ ଦେଖିବାରେ ରହିଛି ଅନେକ ଆନନ୍ଦ। କିନ୍ତୁ ଶିକାରୀ ମାନଙ୍କର ଅହେତୁକ ଶିକାରପ୍ରିୟତା ଏବଂ ବିଚାରହୀନ ଶିକାର ପ୍ରକ୍ରିୟା ଫଳରେ ବନଭୂମିରୁ ବହୁବିଧ ବନ୍ୟଜନ୍ତୁ ସର୍ବଂଶରେ ଲୁପ୍ତ ଓ ନିଶ୍ଚିହ୍ନ ହେବାକୁ ବସିଲେଣି। ବୃକ୍ଷଲତା, ଗୁଳ୍ମ ଆଦି, ପଶୁପକ୍ଷୀ, ଜୀବଜନ୍ତୁମାନଙ୍କର ଅଭିବୃଦ୍ଧି, ମାନବ ସମାଜର ଅର୍ଥନୈତିକ ଓ ବୈଜ୍ଞାନିକ ପ୍ରଗତିରେ ସହାୟକ ହୋଇଥାଏ। ଅସଂଖ୍ୟ ବନ୍ୟଜନ୍ତୁଙ୍କର ବିଭିନ୍ନ ଅଙ୍ଗ ମନୁଷ୍ୟର ଔଷଧ ଆଦି ପ୍ରସ୍ତୁତିରେ ବିଶେଷ ଭାବରେ ବ୍ୟବହୃତ ହୁଏ। ବନ ମଧ୍ୟରେ ଏକ ଶ୍ରେଣୀର ଶ୍ୱାନ ରହିଛନ୍ତି, ଯେଉଁମାନେ କି ଜଙ୍ଗଲ ମଧ୍ୟରେ ମନୁଷ୍ୟକୁ ବାଟ ଦେଖାଇଥାଆନ୍ତି। ଶିକାରୀମାନଙ୍କର

ଅତ୍ୟାଚାରରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ଲାଗି ଏବେଠାରୁ ସତର୍କ ନହେଲେ ମନୁଷ୍ୟ ସମାଜ ଏକ ଅମୂଲ୍ୟ ମହାସମ୍ପଦ ହରାଇ ବସିବ।

ବନ୍ୟପ୍ରାଣୀମାନଙ୍କର ସୁରକ୍ଷା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୀତ ହୋଇଅଛି। ବନ୍ୟଜନ୍ତୁ ସଂରକ୍ଷଣ ନିମିତ ଭାରତବର୍ଷରେ ୧୦୪ଟି ଜାତୀୟ ଉଦ୍ୟାନ ତାର ଆୟତନ ୪୩.୭୧୬ km2 ଓ ୫୬୬ଟି ଅଭୟାରଣ୍ୟ ଯାହାର କ୍ଷେତ୍ରଫଳ ୧୨୨୪୨୦ km2 ଅଟେ। ସମୟକ୍ରମେ ଏସବୁର



ବୃଦ୍ଧି ଘଟୁଛି। ଓଡ଼ିଶାର ୨ଟି ଜାତୀୟ ଉଦ୍ୟାନ ଥିବା ବେଳେ ମଧ୍ୟପ୍ରଦେଶରେ ୧୧ଟି ଓ ପଞ୍ଜାବରେ ଜାତୀୟ ଉଦ୍ୟାନ ନାହିଁ। ଓଡ଼ିଶାରେ ୧୯ ଟି ଅଭୟାରଣ୍ୟ ଥିବାବେଳେ ମହାରାଷ୍ଟ୍ରରେ ୪୮ଟି ଅଭୟାରଣ୍ୟ ଅଛି। ଆମ ଭାରତବର୍ଷରେ ୫୨ଟି ବ୍ୟାଘ୍ର ସଂରକ୍ଷଣ ଅଭୟାରଣ୍ୟ ଏବଂ ୩୨ଟି ହାତୀ ସଂରକ୍ଷଣ ଅଭୟାରଣ୍ୟ ରହିଅଛି। ବ୍ୟାଘ୍ରଙ୍କ ସଂଖ୍ୟା ପ୍ରାୟ ୨୯୬୭ଟି ଥିଲାବେଳେ ହାତୀମାନଙ୍କ ସଂଖ୍ୟା ୨୭୩୧୨, ସେହିପରି ଭାରତ ବର୍ଷରେ ସିଂହମାନଙ୍କ ସଂଖ୍ୟା ପ୍ରାୟ ୬୭୪ଟି। ଓଡ଼ିଶାରେ ହାତୀ ସଂରକ୍ଷଣ ପାଇଁ ମୟୁରଭଞ୍ଜ (ER), ମହାନଦୀ (ER) ସମ୍ବଲପୁର (ER) ଓ ଚନ୍ଦକା ହାତୀ ଅଭୟାରଣ୍ୟ ରହିଛି। କେନ୍ଦ୍ର ସରକାର ବନ୍ୟଜନ୍ତୁମାନଙ୍କ ସୁରକ୍ଷା ପାଇଁ The Indian Board For Wild-life ନାମକ ଏକ ସଂଗଠନ ପ୍ରତିଷ୍ଠା କରିଛନ୍ତି। ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ଜନସାଧାରଣଙ୍କୁ ସଚେତନତା ପାଇଁ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ବା ପଶୁ କଲ୍ୟାଣ ଦିବସ ଅକ୍ଟୋବର ମାସ ୪ ତାରିଖରେ ପାଳନ କରାଯାଇଥାଏ। ଗାନ୍ଧୀ ଜୟନ୍ତୀରୁ ଏହି ବନ୍ୟଜନ୍ତୁ ସପ୍ତାହ ପାଳନ କରାଯାଏ। ଭାରତବର୍ଷରେ ବିଭିନ୍ନ ରାଜ୍ୟରେ ବନ୍ୟଜନ୍ତୁ ସରଂକ୍ଷଣର ବହୁ ଆଦର୍ଶ କେନ୍ଦ୍ର ରହିଛି। ସେଗୁଡିକ ହେଉଛି ବଳୀପୁର ଅଭୟାରଣ୍ୟ, ଚନ୍ଦ୍ରପ୍ରଭା ଅଭୟାରଣ୍ୟ, ଗୁଜରାଟର ଗିରି ବନଭୂମି, ବଙ୍ଗରାଜ୍ୟର ବଳଦପଡ଼ା ଅଭୟାରଣ୍ୟ, ହିମାଳୟ ନିକଟ ବର୍ତି କର୍ବେଟ୍ ଜାତୀୟ ଉଦ୍ୟାନ, ଦରଚିଗ୍ରାମ ଅଭୟାରଣ୍ୟ, ଜବଲପୁରଠାରୁ ପ୍ରାୟ ଶହେ ମାଇଲ ଦୂରରେ ଥିବା କହ୍ନା ଜାତୀୟ ଉଦ୍ୟାନ, ଆସାମର କାଜିରଙ୍ଗା ଅଭୟାରଣ୍ୟ, ମାନସ ଅଭୟାରଣ୍ୟ ଭରତପୁରଠାରେ ଥିବା କେଜି ଅଭୟାରଣ୍ୟ, ମାନ୍ଦ୍ରାଜର ମୃଦୁମଲାଇ ଅଭୟାରଣ୍ୟ, ମଧ୍ୟପ୍ରଦେଶରେ ଥିବା ଶିବପୁର ଜାତୀୟ ଉଦ୍ୟାନ, କେରଳରେ ପେରିଅର ଅଭୟାରଣ୍ୟ, ସିରିସ୍ ଅଭୟାରଣ୍ୟ, ମାନ୍ଦ୍ରାଜରେ ଥିବା ବେଦାନ୍ତ ପଶୁପକ୍ଷୀ ଅଭୟାରଣ୍ୟ, ରାଜାଜୀ ଅଭୟାରଣ୍ୟ, ଶିଓଲିକ୍ ଗିରିମାଳାରେ ଅବସ୍ଥିତ।

ଭାରତର ଅରଣ୍ୟମାନଙ୍କରେ ବିଭିନ୍ନ ପ୍ରକାର ବନ୍ୟ ପଶୁ ଓ ପକ୍ଷୀ ଦେଖାଯାଆନ୍ତି। ସେଗୁଡିକ ମଧ୍ୟରେ ସିଂହ, ବାଘ, ହାତୀ, ଭାଲୁ, ଗଣ୍ଡା, ଗୟଳ, ବାରହା, ମାଙ୍କଡ, କୋକିଶିଆଳି, ଗଧିଆ, ବିଲୁଆ, ହରିଣ, ସମ୍ବର, ଚିତାବାଘ ଓ ବିଭିନ୍ନ ଜାତିର ସରୀସୃପ, ସାପ, କୁମ୍ଭୀର, ମୟୂର, ଶୁଆଶାରୀ, ଚିଲ, ଛଂଚାଣ, ପେଚା, କୋଚିଳାଖାଇ ଆଦି ଦେଖାଯାଆନ୍ତି। ପଶ୍ଚିମବଙ୍ଗର ସୁନ୍ଦରବନରେ ମହାବଳ ବାଘ ଦେଖାଯାଆନ୍ତି। ହିମାଳୟ ପାଦଦେଶାଂଚଳ, ଓଡିଶା, କର୍ଣ୍ଣାଟକ, ମଧ୍ୟପ୍ରଦେଶରେ ହାତୀ ଓ ବାଘ ଦେଖାଯାଆନ୍ତି। ଆସାମ ଓ ବଙ୍ଗର ଅରଣ୍ୟରେ ଗଣ୍ଡା ବାସ କରନ୍ତି। ଭାରତୀୟ ଗଣ୍ଡା ଅନ୍ୟଦେଶର ଗଣ୍ଡାଙ୍କଠାରୁ ବଡ଼ ହୋଇଥାଆନ୍ତି। ହିମାଳୟ ପାର୍ବତ୍ୟାଂଚଳ (ଆସାମ ନେପାଳ ସୀମା)ରେ ଚମରୀ ଗାଈ ଓ କସ୍ତୁରୀ ମୃଗ ଦେଖିବାକୁ ମିଳେ। ମଧ୍ୟପ୍ରଦେଶ, ଓଡ଼ିଶା, ଉତରପ୍ରଦେଶରେ ନୀଳଗାଈ ଦେଖାଯାଆନ୍ତି। ଓଡ଼ିଶାର ସରୀସୃପମାନଙ୍କ ମଧ୍ୟରେ ବଉଳା କୁମ୍ଭୀର, ମଗର, ସମୁଦ୍ର କଇଁଛ, ଘଡ଼ିଆଳ କୁମ୍ଭୀର ଓ ଗୋଧି ଆଦି ପ୍ରଧାନ। ଓଡ଼ିଶାରେ ଡାଙ୍ଗମାଳଠାରେ ଏହି ସରୀସୃପମାନଙ୍କ ଅଭୟାରଣ୍ୟ ହୋଇଅଛି।

ଅରଣ୍ୟ ଓ ବନ୍ୟଜନ୍ତୁ ପ୍ରାକୃତିକ ବିଭବ, ସଭ୍ୟତା, ସଂସ୍କୃତିର ସୁରକ୍ଷା ନିମିତ ଜଙ୍ଗଲ ଓ ବନ୍ୟ ପ୍ରାଣୀମାନଙ୍କର ସଂରକ୍ଷଣ ଅତି ଜରୁରୀ ହୋଇପଡିଛି। ସେଥିପାଇଁ ୧୯୮୩ ମସିହାରେ କେନ୍ଦ୍ର ସରକାର 'ନ୍ୟାସନାଲ ୱାଇଲଡ୍ ଆକ୍ସନ ପ୍ଲାନ୍' ଯୋଜନା କାର୍ଯ୍ୟକାରୀ କରୁଅଛନ୍ତି। ସରକାରଙ୍କ କଠୋର ଆଇନଗତ ପଦକ୍ଷେପ, ବନ କର୍ମଚାରୀମାନଙ୍କର ସାଧୁତା ଓ ନିଷ୍ଠାପର କର୍ତବ୍ୟପରାୟଣତା ଯୋଗୁ ପ୍ରାକୃତିକ ସମ୍ପଦର ସୁରକ୍ଷା ହୋଇପାରିବ।

"ମିଳିମିଶି କଲେ ପ୍ରାଣୀ ସୁରକ୍ଷା
ମନୁଷ୍ୟ ସମାଜ ହୋଇବ ରକ୍ଷା।"

—ଅକ୍ଷୟ କୁମାର ରାଉତ
ପଙ୍କପାଳ, ବଣିକୁନ୍ଦ, ଜଗତ୍‌ସିଂହପୁର,
ମୋ-୯୯୩୭୬୯୧୪୭୫

ରତ୍ନାବଳୀ ଶକ୍ତିପୀଠ, ପଶ୍ଚିମବଙ୍ଗ

ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହାଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ଏହି କ୍ରମରେ ମାତା ସତୀଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ "ରତ୍ନାବଳୀ ଶକ୍ତିପୀଠ" ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁ ମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ପଶ୍ଚିମବଙ୍ଗ ରାଜ୍ୟର ହୁଗୁଳି ଜିଲ୍ଲାର ଖାନକୁଲ-କୃଷ୍ଣନଗର ରତ୍ନାକର ନଦୀ କୂଳରେ ଏହି ମନ୍ଦିର ଅବସ୍ଥିତ। ଏହା "ରତ୍ନାବଳୀ ଶକ୍ତିପୀଠ" ଭାବରେ ପରିଚିତ। ତେବେ "ରତ୍ନାବଳୀ ଶକ୍ତିପୀଠ"ର ସଠିକ୍ ସ୍ଥାନକୁ ନେଇ ଏବେ ମଧ୍ୟ ମତଭେଦ ରହିଛି। ଅର୍ଥାତ୍ ଶକ୍ତିପୀଠର ସଠିକ୍ ସ୍ଥାନ ଅଜ୍ଞାତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥା କଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ

ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବଦେବୀମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା

ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।

"ରତ୍ନାବଳୀ ଶକ୍ତିପୀଠ"ରେ ମାତା ସତୀଙ୍କର ଡ଼ାହାଣ କାନ୍ଧ ଖଣ୍ଡ ପଡ଼ିଥିଲା। ଏଠାରେ ମାତା ଶକ୍ତିଙ୍କୁ 'କୁମାରୀ' ରୂପରେ ପୂଜା କରାଯାଏ ଏବଂ ଭଗବାନ ଶିବଙ୍କୁ 'ଭୈରବ'

ରୂପରେ ପୂଜା କରାଯାଏ। ଏହି ଶକ୍ତିପୀଠରେ ବର୍ଷ ସାରା ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ କରିଥାଏ।

ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

ନବରାତ୍ର ସମୟରେ ଏଠାକାର ପରିବେଶ ଖୁବ୍ ଆକର୍ଷକ ଓ ଶକ୍ତିମୟ ହୋଇଯାଏ। ଏହି ସମୟରେ ମନ୍ଦିର ପ୍ରାଙ୍ଗଣରେ ଶକ୍ତିଙ୍କୁ ଆରାଧନା କରାଯାଏ। ଏହି ସମୟରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମାତାଙ୍କ ଦର୍ଶନ ପାଇଁ ଏକତ୍ରିତ ହୁଅନ୍ତି।

କେମିତି ଯିବେ: (୧) ନିକଟସ୍ଥ ରେଳ ଷ୍ଟେଷନ୍ ଠାରୁ ମାତ୍ର ୭୩.୬ କିମି ଦୂରରେ "ରତ୍ନାବଳୀ ଶକ୍ତିପୀଠ" ଅବସ୍ଥିତ। (୨)ନିକଟସ୍ଥ ନେତାଜୀ ସୁବାଶଚନ୍ଦ୍ର ବିମାନ ବନ୍ଦର ଠାରୁ ମାତ୍ର ୭୭.୮ କିମି ଦୂରରେ "ରତ୍ନାବଳୀ ଶକ୍ତିପୀଠ" ଅବସ୍ଥିତ। ପ୍ରତିଦିନ ମନ୍ଦିର ସକାଳ ୫.୩୦ରୁ ଖୋଯାଏ ଓ ରାତି ୧୦ଟାରେ ବନ୍ଦ ହୁଏ।

ଶରତ କୁମାର ରାଉତ, ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

ଉତ୍କଳମଣି ଗୋପବନ୍ଧୁଙ୍କ ସେବା ଓ ତ୍ୟାଗ ଅତୁଳନୀୟ

ରାଉରକେଲା (ପିଏନ୍): ମହାନ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ତଥା ଓଡିଶା ପ୍ରଦେଶ କଂଗ୍ରେସର ପ୍ରଥମ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ସେବା ଓ ତ୍ୟାଗ ଅତୁଳନୀୟ ବୋଲି ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି। ଗତ ୯ ତାରିଖରେ ପଣ୍ଡିତଜୀଙ୍କ ଜନ୍ମଜୟନ୍ତୀ ଅବସରରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସର ଉପସଭାପତି ଯଜ୍ଞେଶ୍ୱର ବାବୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତଜୀଙ୍କ ସ୍ମୃତିଚାରଣ କରିଥିଲେ। ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗୋପବନ୍ଧୁପାଲ୍ଲୀଠାରେ ଅବସ୍ଥିତ ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଏହି ଶ୍ରଦ୍ଧାଂଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ବାବୁ ଯୋଗଦେଇ ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ। ଶ୍ରୀ ବାବୁ ତାଙ୍କ ବକ୍ତବ୍ୟରେ ଗୋପବନ୍ଧୁ ଦାସ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ଉଲ୍ଲେଖ କରି ତାଙ୍କ ସେବା ଓ ତ୍ୟାଗର ତୁଳନା ନାହିଁ ବୋଲି କହିଥିଲେ। ତାଙ୍କ ସେବା, ତ୍ୟାଗ ଓ ସଂଘର୍ଷର କାହାଣୀକୁ ଅନୁଶୀଳନ କଲେ ସେ ଉତ୍କଳମଣି କାହିଁକି ଭାରତମଣି ପାଇଁ ସେ ଯୋଗ୍ୟ ଥିଲେ ବୋଲି କହିଥିଲେ। ତେଣୁ ତାଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି କଂଗ୍ରେସ କର୍ମୀମାନେ ନିଷ୍ଠାର ସହିତ ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କଲେ ସେମାନଙ୍କ ନେତୃତ୍ୱ ବିକଶିତ ହେବା ସହିତ କଂଗ୍ରେସକୁ ସାଧାରଣ ଲୋକଙ୍କ ଆସ୍ଥାଭାଜନ କରାଇପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଅକ୍ଟୋବର ୧୩

ସମାଜର ପଥଭ୍ରଷ୍ଟଙ୍କ ପାଇଁ ପ୍ରଶ୍ନବାଚୀ ?

୧୬୧୮ଟି ଭାଷାଭାଷୀ ଜନତା ଓ ୧୧ଟି ପ୍ରମୁଖ ବିଶ୍ୱଧର୍ମକୁ ନେଇ ତଥା ଏହି ଭିନ୍ନତା ଭିତରେ ସ୍ୱାଧୀନତାର ୭୫ବର୍ଷ ଭିତରେ ଆମେ ଅନ୍ତତଃ ଐକ୍ୟଭାବେ ନିଜର ଜୀବନ ନିର୍ବାହ କରିପାରିଛୁ । ମାତ୍ର ଦୁଃଖର ବିଷୟ ବର୍ତମାନ ସମଗ୍ର ବିଶ୍ୱ ତଥା ଏ ଭାରତର ଭୂଖଣ୍ଡ ଅସରନ୍ତି, ଅମାପ, ଅସହିଷ୍ଣୁତାର ସମସ୍ୟାରେ ଥରହର । ବେଦନାସିକ୍ତ, ଯନ୍ତ୍ରଣା ପ୍ରାପ୍ତ, ଅସୁରକ୍ଷିତ ଆଉ ବାଦବିବାଦରେ ବିଭେଦଗ୍ରସ୍ତ । ମନୁଷ୍ୟକୃତ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଅଂଚଳ, ଭାଷାରେ ପରିପୂର୍ଣ୍ଣ ଆମର ଏ ହିନ୍ଦୁସ୍ଥାନ । ମାତ୍ର ଆଜି ଏଠାରେ ପ୍ରତି ମୁହୂର୍ତରେ ଚାଲିଛି ନରସଂହାର, ରାହାଜାନୀ, କୌଣସି ନା କୌଣସି ପରିଧିରେ ନିଜର ଆତ୍ମବଡିମା ତଥା ସତା ପାଇଁ । ଏହି କାରଣରୁ ଏ ସ୍ୱର୍ଣ୍ଣପ୍ରସୂ ଭାରତ ବହୁଭାଗରେ ବିଭକ୍ତ । ଆର୍ଯ୍ୟ, ଅନାର୍ଯ୍ୟକୁ ନେଇ ବିଭାଜିତ । କ୍ଷୁଧା, ଅନାହାର, କୁପୋଷଣ, ଅପୁଷ୍ଟିକର ଖାଦ୍ୟାଭାବ କାରଣରୁ ପ୍ରତି ମୁହୂର୍ତରେ ଜନସାଧାରଣଙ୍କ ମୃତ୍ୟୁ ଘଟୁଛି । ବେକାରୀ, ଦୁରାଚାରୀ, ନିଶାବେପାରୀ, କପଟାଚାରୀ ଶୋଷଣକାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି ପ୍ରବଳ ବେଗରେ । ପ୍ରତି ତିରିଶ ଘଂଟାରେ ଜଣେ ଅରବପତି ସୃଷ୍ଟି ହେଉଥିବାବେଳେ ପ୍ରତି ୩୩ ଘଂଟାରେ ୧୨ ଲକ୍ଷ ଗରିବ ହେବାରେ ଲାଗିଛନ୍ତି । ଅଧୋଗତି ବଢିବା ସାଙ୍ଗକୁ ସତାଧାରୀମାନଙ୍କ ଅହଙ୍କାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ନୀତି, ନୈତିକତା, ଦୟା, ଅନୁକମ୍ପା, ତ୍ୟାଗ, ସେବା ମନୋଭାବ ପ୍ରାୟ ସମସ୍ତଙ୍କ ହୃଦୟରୁ ଅପସରି ଯିବାରେ ଲାଗିଛି । କଳାଟଙ୍କାର ପାହାଡ ଉପରେ ବସି ଆଜିର କଳାବେପାରୀ ସାଙ୍ଗକୁ ପ୍ରଶାସକମାନେ ଆଇନକୁ ଆଖିଠାର ମାରି ଚାଲିଛନ୍ତି । ସେବକ ବଦଳିଯାଇଛି ସେବ୍ୟର ମାନ୍ୟତାରେ । ଜାତୀୟତାର ସଂଜ୍ଞା ଏବେ ବିପନ୍ନ । ଧର୍ମକୁ ନେଇ ଧର୍ମାନ୍ଧତା, ଜାତିକୁ ନେଇ ବାଛନ୍ଦ, ବର୍ଣ୍ଣକୁ ନେଇ ବିଭକ୍ତିକରଣ, ଭାଷାକୁ ନେଇ ଆନ୍ଦୋଳନ । ଯୋଗ୍ୟତା ବଛାଯାଉଛି ପ୍ରିୟାପୀତିରେ । ପ୍ରେମ ପ୍ରୀତିର ସଂଜ୍ଞା ବଦଳିଛି ପ୍ରତାରଣାରେ । ଆତ୍ମକୈନ୍ଦ୍ରିକ ମାନସିକତା ଯୋଗୁ ପରିବାର ଆଜି ନଷ୍ଟଭ୍ରଷ୍ଟ । ମୌଳିକତା ହରାଉଛି ଆଧ୍ୟାତ୍ମିକ ବିଜ୍ଞାନ । ବ୍ୟକ୍ତିଗତ ଚରିତ୍ର ଆଜି ବଦଳିଯାଉଛି ରୁଗ୍ଣ ମାନସିକତାରେ । ସ୍ୱାସ୍ଥ୍ୟସେବା ଆଜି ବିପନ୍ନ, ଯାହା ଆଜି ମଧ୍ୟ ପହଂଚିପାରୁନି ଅଧାରୁ ଅଧିକ ସାଧାରଣ ଜନତାଙ୍କ ପାଖରେ । ଦେହ ବିକ୍ରି କରୁଛନ୍ତି ମା'ମାନେ ପେଟ ବିକଳରେ । କେବଳ ସେତିକି ନୁହେଁ ପେଟର କ୍ଷୁଧା ମେଂଟାଇବା ପାଇଁ ଜନ୍ମିତ ଶିଶୁକୁ ମଧ୍ୟ ଅନ୍ୟକୁ ଟେକିଦେବା ପାଇଁ ଭୃକ୍ଷେପ କରୁନାହାଁନ୍ତି । କୃଷିଜୀବିମାନେ ଏବେ ଦାଦନ ସାଜିଲେଣି । କଷ୍ଟଉପାର୍ଜିତ ମନୁଷ୍ୟମାନଙ୍କ ଶ୍ରମ ଟଙ୍କାରେ ଅଣୁ ଅସ୍ତ୍ରରେ ଖର୍ଚ୍ଚ ହେଉଛି ଏହି ଅର୍ବୁଦ ପରିମାଣର ଅର୍ଥ । ମଣିଷ ତିଆରି କାରଖାନାରେ ତତ୍ତ୍ୱାବଧାରକ, ଗୁରୁ, ଶିକ୍ଷକ, ଅଧ୍ୟାପକ ରାଜନୀତିରେ ସଂଶ୍ଳିଷ୍ଟ ହେବାସହ ଏବେ ଗୋଟି ଶ୍ରମିକ । ଚତୁର, ଗଳିପୋଷା ଶିକ୍ଷକ ଅଧ୍ୟାପକମାନେ ଘରୋଇ ପାଠଶାଳାରେ କାର୍ଯ୍ୟରତ । ଆଜି ମଣିଷଟିଏ ହେବାପାଇଁ ମଣିଷଛୁଆ ବିମୁଖ । ମାଗଣାରେ ବଂଟାଚାଲିଛି ଅଶିକ୍ଷା, କୁଶିକ୍ଷା । କୋଟି ଓଡ଼ିଆର ମଉଡ଼ମଣି ଜଗନ୍ନାଥ ଆଜି ଅସହାୟ । ସେ ଆଜି କୋଣଠେସା । ବିଦେଶୀ ପୁଂଜି ଲାଗୁଛି ସ୍ୱଦେଶୀ ଅନୁଷ୍ଠାନରେ । ଡାକ୍ତର ଅଭାବରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ । ଯନ୍ତ୍ରୀ ଆଜି ଠିକାଦାରଙ୍କ ପର୍ଯ୍ୟବେକ୍ଷକ । ଜନପ୍ରତିନିଧି ଆଜି ଲକ୍ଷ୍ୟହୀନ, ଅପରାଧୀ, ଅଭିଯୁକ୍ତ, ଚରିତ୍ରହୀନ ତଥା ଲାଂଚଖୋର ଓ ନିଶାଖୋର । ଉପରୋକ୍ତ ସମସ୍ୟାକୁ ନେଇ ଆଜିର ଦରିଦ୍ର, ଅବହେଳିତ, ଦୁଃସ୍ଥ, ପତିତ, ନିର୍ଯାତିତ ଜନତା ଜନାର୍ଦ୍ଦନ । ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୋଟିଏ ଯୋଜନା ମାତ୍ର ସମୟାନୁସାରେ ଗୋଟିଏ ପୂରଣ ହୁଏନା । ସାମ୍ୟବାଦ, ସମାଜବାଦ କଥା କହୁଥିବା ବ୍ୟକ୍ତି ଆଜି ଶିଥିଳତା, ସ୍ଥିରତା ଆଡକୁ ଅଗ୍ରସର । ଗଣମାଧ୍ୟମ ଆଜି ବିଶେଷଭାବରେ ସାମାଜିକ ସମସ୍ୟାକୁ ନେଇ ଆଲୋଚନା, ପର୍ଯ୍ୟାଲୋଚନା କରିବା ପାଇଁ କୁଣ୍ଠାବୋଧ ଏବଂ ନିରୁତ୍ସାହିତ ଅନେକ କାରଣରୁ ଯାହା କହିବାପାଇଁ ଲାଜ ଲାଗୁଛି । ଗଣତନ୍ତ୍ର ଆଜି ଗଣଚେତନାଠୁ ଅଲଗା । ଧର୍ମାନ୍ଧ କାମାନ୍ଧମାନଙ୍କ ଦ୍ୱାରା ଧର୍ଷିତା । ଧର୍ମର ଦୁହା ଦେଇ ଧର୍ମାନ୍ଧ ଗୁରୁମାନେ ନିଜର ବଡପଣିଆ ଜାହିର କରିବାରେ ବ୍ୟସ୍ତ । ଯେଉଁ ଯୁଦ୍ଧ କଦାକାଳକୁ ଶୁଭଙ୍କରୀ ନୁହେଁ ଆଜି ସେ ଯୁଦ୍ଧ ଘଟିଚାଲିଛି ନିଜର କ୍ଷମତା, ପ୍ରଭୁତ୍ୱ ଓ ବିସ୍ତାର ପ୍ରକ୍ରିୟାକୁ ନେଇ । ଏହି ଯୁଦ୍ଧକୁ ଆହୁରି ତୀବ୍ର ଓ ସାଂଘାତିକ କରିବା ପାଇଁ ସବୁଦେଶ ନିଜର ସୁରକ୍ଷା ତଥା ପତିଆରା ପାଇଁ ଗୋଳା, ବାରୁଦ, କମାଣ, ଅଣୁ, ପରମାଣୁ ବୋମା ଏବଂ ଆହୁରି ଅଧିକ ଶକ୍ତିଶାଳୀ ଅସ୍ତ୍ର ପ୍ରସ୍ତୁତି କରିବାରେ ଲାଗିଛନ୍ତି । ଏଥିପାଇଁ କିଏ ଦାୟୀ ? ଏ ପ୍ରଶ୍ନ ଉପରେ କେହି କେବେ ଆଲୋଚନା କରୁନାହାଁନ୍ତି । ଆଜିର ଆଣବିକ ଯୁଗରେ ନିରସ୍ତ୍ରୀକରଣ ଏକାନ୍ତ କାମ୍ୟ । ଏଥିପାଇଁ କୌଣସି ପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି ହେବା ଅର୍ଥ ମାନବଜାତିର ଧ୍ୱଂସକୁ ନିମନ୍ତ୍ରଣ କରିବା । ସଭ୍ୟତାର ବିକାଶ ପୂର୍ବରୁ ଆଦିମାନବ ଯୁଦ୍ଧ କରୁଥିଲା ନିଜର ଖାଦ୍ୟ ପାଇଁ; ମାତ୍ର ଆଜିର ବିକାଶଶୀଳ ସଭ୍ୟତାରେ ମଣିଷ ଯୁଦ୍ଧ କରୁଛି ସଭ୍ୟତା ତଥା ତାର କ୍ଷମତାର ବିସ୍ତାର ପାଇଁ । "ଧର୍ମଂ ଶରଣଂ ଗଚ୍ଛାମି, ସଂଘମ୍ ଶରଣଂ ଗଚ୍ଛାମି" ଆଜି ମୂଲ୍ୟହୀନ । ପ୍ରମୁଖ ଧର୍ମର ବାର୍ତା ଏକ ବୋଲି ଗୀତା, ଭାଗବତ, ରାମାୟଣ, ବେଦ, ପୁରାଣ, କୋରାନ, ବାଇବେଲ, ଗୁରୁଗ୍ରନ୍ଥ ସାହେବ ମାନି ନେଇଥିବା ବେଳେ ବିଶେଷଭାବରେ ଆଲ୍ଲା, ରାମ, ଯୀଶୁ, ଈଶ୍ୱରଙ୍କ ଭିତରେ କେବେ ମତଭେଦ ନଥିବାବେଳେ ସେଇ ଗ୍ରନ୍ଥକୁ ମାନୁଥିବା ଓ ପାଳୁଥିବା ମଣିଷମାନଙ୍କ ଭିତରେ କାହିଁକି ଏ ମତଭେଦ ? ଗୋଟିଏ ଦୃଷ୍ଟି ହେଉଛି ମଣିଷପଣିଆ । ଏହା ସର୍ବଗ୍ରନ୍ଥର ମାନ୍ୟତା, ମହାନତା । ଏହା ଯଦି ସର୍ବମୟ କର୍ତାଙ୍କ ବାଣୀ, ସବୁ ଧର୍ମର ମର୍ମ, ସବୁ ଶାସ୍ତ୍ରର ସମ୍ମତ ତେବେ ଜାତି, ଧର୍ମ, ବର୍ଣ୍ଣ, ଅଂଚଳ, ଭାଷାକୁ ନେଇ ଏତେ ବୈଷମ୍ୟ କାହିଁକି ? ସମାଜରେ କିଏ ସୃଷ୍ଟି କରୁଛି ଏ ଅରାଜକତା ? ଏ ସମସ୍ୟାର କ'ଣ ସମାଧାନ ନାହିଁ ? ଆଜି ପ୍ରତ୍ୟେକ ମାନବଜାତି କୁହନ୍ତୁ ମଣିଷକୁ ତା'ର ବାୟୁରେ ଅମ୍ଳଜାନ ଦରକାର ନା କୁବେର ସମ୍ପତି ଦରକାର ? ସ୍ୱାଧୀନ ଚେତନାରେ ରହିବା ଦରକାର ନା ମାଗିଖିଆ ହୋଇ ପର ଅଧୀନରେ ରହିବା ଦରକାର ? ଧର୍ମକୁ ବଂଚାଇବା ପାଇଁ ପ୍ରକୃତ ଧାରା ନା ଆତ୍ମବଡିମାରେ ବିଶ୍ୱବିଜୟୀର ଚିନ୍ତାଧାରା । ପୃଥିବୀକୁ ବଦଳାଇ ଦିଆଯାଉ ମାନବ ଧର୍ମରେ । ଗୋଟିଏ ଭାଷା ହେଉ "ବସୁଧୈବ କୁଟୁମ୍ବକମ୍" । ମଣିଷକୁ ମଣିଷ ପରି ଗଢିବା ଲାଗି ପ୍ରକୃତ ମଣିଷ ତିଆରି କାରଖାନାର ସୃଷ୍ଟି ହେଉ । ପ୍ରତ୍ୟେକ ପ୍ରତ୍ୟେକଙ୍କ ଦୁଃଖ ଯନ୍ତ୍ରଣାକୁ ବାଂଟିନେଇ ସମାଜ ପାଇଁ କାମ କରିଲେ ହସି ଉଠିବ ଏ ସମାଜ, ହସି ଉଠିବ ଭାରତ ତଥା ବିଶ୍ୱ ।

ଉମାଶଙ୍କର ପ୍ରସାଦ, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨

ଆଜିର ଅନୁଚିନ୍ତା

ବେଦାନ୍ତ ଶାସ୍ତ୍ର ମନୁଷ୍ୟର ପ୍ରକୃତ ପରିଚୟ ଓ ସ୍ଥାୟୀ ଠିକଣା ସମ୍ବନ୍ଧରେ ସୂଚନା ଦିଏ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ସଂଗ୍ରାମୀ ଫକୀର: ଡ. ରାମମନୋହର ଲୋହିଆ

ବିପିନବିହାରୀ ମହାନ୍ତି

ଭାରତର ସ୍ୱାଧୀନତା ଏବଂ ନୂତନ ଭାରତ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇଥିବା ବ୍ୟକ୍ତିତ୍ୱ ହେଉଛନ୍ତି ଡ. ରାମମନୋହର ଲୋହିଆ । ସେ ମାର୍ଚ୍ଚ ୨୩, ୧୯୧୦ରେ ପ୍ରବଳ ଜାତୀୟବାଦୀ ପିତା ହିରାଲାଲ୍ ଏବଂ ଚନ୍ଦାଙ୍କ ଔରସରୁ ଅକବରପୁର, ଉତ୍ତର ପ୍ରଦେଶରେ ଜନ୍ମ ନେଇଥିଲେ । ଶୈଶବରୁ ସେ ଥିଲେ ମାତୃହରା । ସେ ତାଙ୍କର ସେହି ପିଲାଦିନୁ ପିତାଙ୍କ ସହିତ ଅନେକ କଂଗ୍ରେସ ସଭାରେ ଯୋଗ ଦେଇଛନ୍ତି ଏବଂ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଛନ୍ତି । ଏକଦା ପିତାଙ୍କ ସଙ୍ଗରେ ଯାଇଥିବାବେଳେ ଏକ ସଭାରେ ଗାନ୍ଧୀଙ୍କ ଭାଷଣରେ ଏମିତି ମନ୍ତ୍ରମୁଗ୍ଧ ହୋଇଗଲେ ଯେ, ସେବେଠୁ ପାଲଟିଗଲେ ତାଙ୍କ ପଟ୍ଟଶିଷ୍ୟ ଏବଂ ସତ୍ୟ ଓ ଅହିଂସାର ପୂଜାରୀ । ମାତ୍ର ଦଶବର୍ଷ ବୟସରେ ସେ ୧୯୨୧ ମସିହାରେ ସତ୍ୟାଗ୍ରହ ଶୋଭାଯାତ୍ରା ଓ ଆନ୍ଦୋଳନରେ ଯୋଗଦେଇ ଗାନ୍ଧୀଙ୍କ ପ୍ରତି ତାଙ୍କ ବିଶ୍ୱସ୍ତତା ପ୍ରମାଣ କରାଇବା ସହିତ ଆଗାମୀ ଦିନଗୁଡ଼ିକରେ ସ୍ୱାଧନୀତା ସଂଗ୍ରାମରେ ଝାସ ଦେବାର ସେ ନିଷ୍ପତ୍ତି ମାନସିକ ସ୍ତରରେ ନେଇଥିଲେ ।

୧୯୨୧ ମସିହାରେ ତାଙ୍କର ଜବାହାରଲାଲ୍ ନେହେରୁଙ୍କ ସହିତ ସାକ୍ଷାତ ହେଲା । ସେବେଠୁ ସେ ମଧ୍ୟ ତାଙ୍କର ଅତି ପ୍ରିୟ ହୋଇଗଲେ ଏବଂ ସେମାନଙ୍କ ମଧ୍ୟରେ ଏକ ଅତୁଟ ଏବଂ ଗଭୀର ସଂପର୍କ ସ୍ଥାପିତ ହୋଇଗଲା । ତଥାପି କେତେକ ସ୍ଥଳରେ ଏବଂ ରାଜନୈତିକ ପ୍ରସଙ୍ଗରେ ନେହୁରୁଙ୍କ ସହିତ ତାଙ୍କର ମତପାର୍ଥକ୍ୟ ଥିଲା । ୧୯୨୮ ମସିହାରେ ମାତ୍ର ୧୮ବର୍ଷରୁ ଯୁବକ ଲୋହିଆ ଏକ ଛାତ୍ର ସଂଗଠନ ଗଢ଼ି ତା'ରି ମାଧ୍ୟମରେ 'ଅଲ-ହ୍ୱାଇଟ୍ ସାଇମନ କମିଶନ'ଙ୍କୁ ପ୍ରତିବାଦ ଓ ପ୍ରତିରୋଧ କରିଥିଲେ । କାରଣ କମିଶନ ଚାହୁଁଥିଲେ ଯେ, ଭାରତୀୟମାନଙ୍କ ବିନା ପରାମର୍ଶରେ ସେ ସେମାନଙ୍କୁ ଇଚ୍ଛାମତେ କିଛି ସ୍ୱତନ୍ତ୍ରତା ଦେଇଦେବେ ।

ଏକ ଗୁରୁତ୍ୱ ଏବଂ ବାହାଦୁରୀ କଥା ଏହି ଯେ, ଏପଟେ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ ହେଁ, ସେପଟେ ସେ ନିଜ ପାଠପଢ଼ା ପ୍ରତି ବେଶ୍ ସଚେତନ ଥିଲେ । ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ଆଇଏ ଏବଂ ୧୯୨୯ରେ କଲିକତା ବିଶ୍ୱବିଦ୍ୟାଳୟରୁ ବିଏ ପାସ୍ କରିଥିଲେ । ସେଠୁ ବର୍ଲିନ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ପାଇଁ ଜର୍ମାନୀଠାରେ ତଥା ୧୯୩୨ରେ ତାଙ୍କ ପି.ଏଚ୍.ଡ଼ି. ସମାପ୍ତ କଲେ । ସେ ଖୁବ୍ ଶୀଘ୍ର ଜର୍ମାନୀ ଭାଷା ଶିଖିଗଲେ ଏବଂ ସେଠାରେ ତାଙ୍କର ଶିକ୍ଷାଗତ ଉଚ୍ଚସଂପନ୍ନ କୃତିତ୍ୱ ପାଇଁ ଆର୍ଥିକ ସହାୟତା ମଧ୍ୟ ପାଇଥିଲେ ।

ସେ ଇଉରୋପରେ ଥିଲାବେଳେ 'ଆସୋସିଏସନ୍ ଅଫ୍ ଇରୋପିଆନ୍ ଇଣ୍ଡିୟାନସ୍' ନାମକ କ୍ଲବ୍ ଗଠନ କରିଥିଲେ । ଏହାର ଉଦ୍ଦେଶ୍ୟ ଥିଲା ଭାରତର ଜାତୀୟତାକୁ ଦେଶ ବାହାରେ ସଂରକ୍ଷଣ, ସଂପ୍ରସାରିତ ଓ ସମୃଦ୍ଧି କରାଇବା । ସେ ମଧ୍ୟ ଜାତିସଂଘର ଜେନଭା ସମ୍ମିଳନୀର ଯୋଗଦେଇଥିଲେ ଯଦିଓ ଭାରତରେ ବ୍ରିଟିଶରାଜ ତରଫରୁ ବିକାନିର ମହାରାଜା ଯୋଗ ଦେଇଥିଲେ । ଏଥିରେ ଲୋହିଆ ଆଶ୍ଚର୍ଯ୍ୟ ଓ ବ୍ୟଥିତ ହୋଇ ପରିଦର୍ଶକ ଗ୍ୟାଲେରୀ ମଧ୍ୟରୁ ତୀବ୍ର ପ୍ରତିରୋଧ କରିଥିଲେ ଏବଂ ଏହାର କାରଣ ବିଭିନ୍ନ ପତ୍ରପତ୍ରିକା ମାଧ୍ୟମରେ ପ୍ରକାଶିତ କରିଥିଲେ । ଏହାହିଁ ରାମମନୋହର ଲୋହିଆଙ୍କୁ ଏକ ସୁପରଷ୍ଟାର ବା ଉଚ୍ଚକୋଟିର ନେତାରୂପେ ପ୍ରତିଷ୍ଠିତ ଓ ପ୍ରମାଣିତ କରିଦେଲା । ଏହାପରେ ସେ ଆସି ଭାରତର ଜାତୀୟ କଂଗ୍ରେସ ଦଳରେ ଯୋଗଦେଲେ । ୧୯୩୪ ମସିହାରେ ସେ କଂଗ୍ରେସ ସୋସିଆଲିଷ୍ଟ ପାର୍ଟିର ଭିତ୍ତିସ୍ଥାପନ କଲେ । ୧୯୩୬ ମସିହାରେ ପଣ୍ଡିତ ନେହେରୁ ତାଙ୍କୁ 'ଅଲ ଇଣ୍ଡିଆ କଂଗ୍ରେସ' ଦଳର ସଂପାଦକ ରୂପେ ନିଯୁକ୍ତି ନେଲେ । ଲୋହିଆଙ୍କ କାରଣରୁ ଏଇଠୁ ଆରମ୍ଭ ହେଲା ଭାରତର ବୈଦେଶିକ କାରବାର ପାଇଁ ବୈଦେଶିକ ନୀତିର ଭିତ୍ତି ।

୨୪ ମେ' ୧୯୩୬ରେ ପ୍ରଥମଥର ପାଇଁ ଲୋହିଆ ବନ୍ଦୀ ହେଲେ କାରଣ ସେ ଭାରତୀୟମାନଙ୍କୁ ସବୁ ସରକାରୀ ସଂସ୍ଥାକୁ ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ; କିନ୍ତୁ ତା' ପରଦିନ ତାଙ୍କୁ ମୁକ୍ତିଦେଲେ ଏଥିପାଇଁ ଯେ, କାଳେ ତାଙ୍କ ବନ୍ଦୀ ନେଇ ପ୍ରବଳ ଯୁବଜାଗରଣ ସୃଷ୍ଟିହେବ ଏବଂ ଯାହାକୁ ସମ୍ଭାଳିବା ସମ୍ଭବ ହୋଇନପାରେ । ତେବେ ତାଙ୍କ ପ୍ରବନ୍ଧ "ସାଂପ୍ରତିକ ସତ୍ୟାଗ୍ରହ ବା ସତ୍ୟାଗ୍ରହ ନାଓ", ଖବରକାଗଜରେ ପ୍ରକାଶ ପାଇଁ ତାଙ୍କୁ ଜୁନ୍ ୧୯୪୦ରେ ପୁନଶ୍ଚ ବନ୍ଦୀ କରାଯାଇ ଦୁଇବର୍ଷ ପାଇଁ ଜେଲକୁ ପଠାଇଦିଆଗଲା । ସେଠାରେ ତାଙ୍କୁ କଠିନ ମାନସିକ ନିର୍ଯାତନା ସହିତ ନାନାପ୍ରକାର ଜେରା ବି କରାଯାଇଥିଲା । ଡିସେମ୍ବର ୧୯୪୧ରେ ବାହାରୁ ନାନା ଚାପ ପଡ଼ିବାରୁ ତାଙ୍କୁ ମୁକ୍ତ କରାଯାଇଥିଲା । ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନ ବେଳେ ପ୍ରଥମ ଶ୍ରେଣୀ ନେତା: ଗାନ୍ଧୀ, ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ଏବଂ ମୌଲାନା ଆଜାଦ ଇତ୍ୟାଦି ଗିରଫ ହେଲାପରେ ଦ୍ୱିତୀୟ ପାହ୍ୟାର ନେତା ହିସାବରେ ଆନ୍ଦୋଳନ ଚାଲୁ ରଖିବାରେ ଗୁରୁଦାୟିତ୍ୱ ନେଲେ । ଲୋହିଆ କାଗଜପତ୍ର ପ୍ରଚାର ଓ ଗୁପ୍ତ ଆକାଶବାଣୀ ପ୍ରସାରଣ ମାଧ୍ୟମରେ ସେ ଘୋଷଣା କରୁଥିଲେ କର ଅବା ମର ।

ଏହାପରେ ଲୋହିଆ ଥରେ ୧୯୪୪ରେ ବମ୍ବେରେ ବନ୍ଦୀ ଥିବାବେଳେ ତାଙ୍କୁ ନିଷ୍ଠୁର ନିର୍ଯାତନା ଦିଆଯାଇଥିଲା ଏବଂ ପରେ ୨୮ ମେ' ୧୯୪୬ରେ ଗୋଆରେ ବନ୍ଦୀ ହୋଇଥିଲେ । ଗୋଆରେ ବନ୍ଦୀ ହେବାର କାରଣ ଏହା ଥିଲା ଯେ, ସେଠାକାର ପୁର୍ତ୍ତଗୀଜ ସରକାର ଲୋକମାନଙ୍କୁ ବାକ୍ ସ୍ୱାଧୀନତା ଦେଇନଥିଲେ ଓ ସ୍ୱାଧୀନତା ଦେବାର ସପକ୍ଷରେ ନଥିଲେ । ଏହାକୁ ପ୍ରତିବାଦ କରି ପ୍ରଚାର ଓ ପ୍ରସାର କଲେ । ୧୫ ଅଗଷ୍ଟ ୧୯୪୭ରେ ଦେଶ ସ୍ୱାଧୀନ ହେଲା । ସ୍ୱାଧୀନତା ଘୋଷଣାପତ୍ର ବେଳେ ସେ ଗାନ୍ଧୀଙ୍କ ପାଖେ ଛିଡ଼ା ହୋଇ ଗାନ୍ଧୀଙ୍କ ସହ ସେ କାନ୍ଦୁଥିଲେ, କାରଣ ସେ ଗାନ୍ଧୀଙ୍କ ପରି ଚାହୁନଥିଲେ ଯେ ଭାରତ ଭାଗଭାଗ ହେଉ ।

ସ୍ୱାଧୀନତା ପୂର୍ବ ଅପେକ୍ଷା ସ୍ୱାଧୀନତା ପରର ଭାରତ ନିର୍ମାଣର ଦାୟିତ୍ୱ ଏବଂ ଚିନ୍ତା ତାଙ୍କର ଥିଲା ସବୁଠୁ ବେଶୀ । ସେ ଚାହୁଥିଲେ ନୂତନ ଭାରତ ଗଠନରେ ସର୍ବସାଧାରଣ ସକ୍ରିୟ ଅଂଶଗ୍ରହଣ କରନ୍ତୁ; ସ୍ୱେଚ୍ଛାକୃତଭାବେ କୂଅ, କେନାଲ ଖୋଳନ୍ତୁ ରାସ୍ତା ନିର୍ମାଣ କରନ୍ତୁ । ଖାଲି କହୁନଥିଲେ, ନିଜେ ବି ପାନିୟାରୀ ନଦୀ ଉପରେ ଏକ କେନାଲ ନିର୍ମାଣ କରିଛନ୍ତି ଯାହା ଏବେ ଲୋହିଆ ସାଗର ଡ଼ୟାମ ରୂପେ ପରିଚିତ । ଏବେ ଆମ ସାଂସଦ ବା ବିଧାୟକମାନେ ଲୋକମାନଙ୍କର ଗୁହାରୀ ଶୁଣିବା ପାଇଁ ଗୋଟିଏ ଦିବସ ରଖିଛନ୍ତି ଯାହାକୁ 'ଜନବାଣୀ ଦିବସ' ରୂପେ ପ୍ରଚଳନ ହେଉଛି: ଏହା ତାଙ୍କରି ସକାଶେ ପ୍ରଚଳିତ ହୋଇଛି । ଭିନ୍ନ ଏକ ବିତର୍କ ପ୍ରସଙ୍ଗ, ଯାହା ଏବେ ସମାଲୋଚିତ 'ତିନି ଅଣା, ପନ୍ଦର ଅଣା' ତାଙ୍କରି କାରଣରୁ ସୃଷ୍ଟି । ପଣ୍ଡିତ ନେହେରୁଙ୍କ ପ୍ରଧାନମନ୍ତ୍ରୀତ୍ୱ ବେଳେ ଦିନକୁ ୨୫୦୦୦ ଟଙ୍କା ଖର୍ଚ୍ଚ ହେଉଥିଲା ତାଙ୍କପାଇଁ ଅଥଚ ଲୋକଙ୍କ ମଜୁରି ଥିଲା ତିନିଅଣା । ଏହି କଥା ଲୋହିଆ ନେହେରୁଙ୍କ ଦୃଷ୍ଟିଆକର୍ଷଣ କରନ୍ତେ, ସେ କହିଲେ, "ଯୋଜନା କମିଶନ କୁହନ୍ତି ଲୋକଙ୍କ ଦୈନିକ ଆୟ ପନ୍ଦର ଅଣା ।" ସତରେ କାହିଁ ୨୫୦୦୦, କାହିଁ ତିନିଅଣା ବା ପନ୍ଦର ଅଣା । ଏମିତିରେ କ'ଣ ଲୋକଙ୍କ ଦୁଃଖ ଯିବ ?

ଦେଶର ଲୋକଙ୍କ ଅର୍ଥନୈତିକ ଓ ସାମାଜିକ ସ୍ଥିତିର ଉନ୍ନତି କଲେ । ସେ ତାଙ୍କ ଲେଖା ଓ ଭାଷାରେ ବହୁ ସଚେତନତା ଶୁଣାଇଛନ୍ତି । ଏମିତିରେ ଧନୀ ଦରିଦ୍ର ଲୋକ ମଧ୍ୟରେ ପାର୍ଥକ୍ୟ ଜାତି-ଅସମାନତା, ପୁରୁଷ-ସ୍ତ୍ରୀ ଅସମାନତା ଏବଂ ବ୍ୟକ୍ତିଗତ ବ୍ୟାପାର ଓ ଗୋପନୀୟତା ଇତ୍ୟାଦି ଅନେକ କଥା । ଯେହେତୁ ଭାରତ ଏକ କୃଷିପ୍ରଧାନ ଦେଶ, ସେ ପ୍ରାଥମ

ଭୁବନେଶ୍ୱରରେ ଡକ୍ଟର ରାମ ମନୋହର ଲୋହିଆଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବି

ଭୁବନେଶ୍ୱର, (ପି.ଏନ): ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ପ୍ରଖର ସମାଜବାଦୀ ଚିନ୍ତାନାୟକ ଓ ଭାରତବର୍ଷରେ ସାମାଜିକ ନ୍ୟାୟ ଆନ୍ଦୋଳନର ଆଦ୍ୟ ବିଦ୍ଧାଣୀ ଡକ୍ଟର ରାମ ମନୋହର ଲୋହିଆଙ୍କର ୫୫ତମ ଶ୍ରାଦ୍ଧବାର୍ଷିକୀ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି କାର୍ଯ୍ୟାଳୟ - ଲୋହିଆ ଭବନଠାରେ ମହାସମାରୋହରେ ପାଳିତ ହୋଇଯାଇଅଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଏହି ମହା ସମାରୋହରେ ଭୁବନେଶ୍ୱରଠାରେ ଡକ୍ଟର ଲୋହିଆଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବା, ରାଜ୍ୟ ପଛୁଆବର୍ଗ କମିଶନ ତୁରନ୍ତ ଓଡ଼ିଶାରେ ପଛୁଆବର୍ଗ ଜାତି ଜନଗଣନା ଆରମ୍ଭ କରିବା, ରାଜ୍ୟ ସରକାରଙ୍କ ପକ୍ଷରୁ ଆଗାମୀ ଦିନ ମାନଙ୍କରେ ବିଭିନ୍ନ ପର୍ଯ୍ୟାୟରେ ପୂରଣ ହେବାକୁ ଯାଉଥିବା ୨ଲକ୍ଷ ୨୬ ହଜାର ୫୩୧ ଖାଲି ପଦବୀରେ ୨୭ଭାଗ ସ୍ଥାନ ସଂରକ୍ଷଣ ପଛୁଆବର୍ଗଙ୍କ ପାଇଁ ସଂରକ୍ଷିତ ରଖିବା, ମେଡିକାଲ୍, ଇଂଜିନିୟରିଂ ସମେତ ନାମ ଲେଖା କ୍ଷେତ୍ରରେ ପଛୁଆବର୍ଗ ଛାତ୍ରଛାତ୍ରୀଙ୍କୁ ୨୭ଭାଗ ସ୍ଥାନ ସଂରକ୍ଷଣ ଦେବାକୁ ବିଭିନ୍ନ ବକ୍ତାମାନେ ଦାବି କରିଥିଲେ । ଓଡ଼ିଶା ବିଧାନସଭା ପକ୍ଷରୁ ଗତବର୍ଷ ପଛୁଆବର୍ଗଙ୍କ ପାଇଁ ପାରିତ ହୋଇଥିବା ବିଧେୟକଙ୍କୁ ତୁରନ୍ତ ଭାରତ ସରକାର ସମ୍ବିଧାନର ୯ମ ଅନୁଚ୍ଛେଦ ଅନ୍ତର୍ଭୁକ୍ତ କରିବାକୁ ସମାଜବାଦୀ ପାର୍ଟି ପକ୍ଷରୁ ଦାବି କରାଯାଇଛି । ଏହି ଉପଲକ୍ଷେ ପ୍ରକାଶିତ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି, ରାଜ୍ୟରେ ପଛୁଆବର୍ଗ ଦୀର୍ଘଦିନ ଧରି ନାମଲେଖା ଓ ନିଯୁକ୍ତି କ୍ଷେତ୍ରରେ ସେମାନଙ୍କର ସାମ୍ବିଧାନିକ ହକ୍‌ରୁ ବ୍ତ ହୋଇଆସୁଛନ୍ତି । ଫଳରେ ଏହି ବର୍ଗର ଛାତ୍ରଛାତ୍ରୀମାନେ ପ୍ରତିବର୍ଷ ହାରାହାରି ୫୫୦ଟି ମେଡିକାଲ୍ ସିଟ୍ ଓ ୨୫୦୦ ଇଂଜିନିୟରିଂ ସିଟ୍‌ରେ ନାମଲେଖାରୁ ବ୍ତ ହେବାରେ ଲାଗିଛନ୍ତି । ସେହିଭଳି ରାଜ୍ୟରେ ଖାଲିପଡ଼ିଥିବା ୨ଲକ୍ଷ ୨୬ ହଜାର ୫୩୧ଟି ପଦବୀରେ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ନିଯୁକ୍ତି ଦେବାପାଇଁ ଯୋଜନା କରୁଛନ୍ତି । ୨୭ ଭାଗ ସ୍ଥାନ ସଂରକ୍ଷଣ ନିଯୁକ୍ତି କ୍ଷେତ୍ରରେ ଲାଗୁ ନ ହେବା ଯୋଗୁଁ ରାଜ୍ୟର ପାଖାପାଖି ୩୫୬୬୧ଟି ପଦବୀ ହରାଇବାକୁ ଯାଉଛନ୍ତି । ଏଠାରେ ଉଲ୍ଲେଖଥାଉକି, ବର୍ତମାନ ରାଜ୍ୟରେ ପଛୁଆବର୍ଗଙ୍କ ପାଇ ସରକାର ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ଦେଉଛନ୍ତି ।ସ୍ୱାଧୀନତାର ଭାରତ ବର୍ଷରେ ଡକ୍ଟର ରାମ ମନୋହର ଲୋହିଆ ଥିଲେ ସାମାଜିକ ନ୍ୟାୟ ଆନ୍ଦୋଳନର ଅଗ୍ରଦୂତ । ତେଣୁ ତାଙ୍କର ୫୫ତମ ଶ୍ରାଦ୍ଧବାର୍ଷିକୀ ଦିବସରୁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ରାଜ୍ୟରେ ପଛୁଆବର୍ଗଙ୍କର ଲଢେଇକୁ ଜୋର୍‌ଦାର କରିବା ପାଇଁ ସଂକଳ୍ପ ନେଇଛି । ଆଗାମୀ ଦିନରେ ରାଜ୍ୟର ଗାଁ ଗହଳିକୁ ଓବିସି ଆନ୍ଦୋଳନକୁ ନିଆଯିବ ବୋଲି ପାର୍ଟିର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ତାଙ୍କ ସଭାପତି ଅଭିଭାଷଣରେ ମତବ୍ୟକ୍ତ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ମାନଗୋବିନ୍ଦ ନାଥ ମିଶ୍ର, ସୁରେଶ ତ୍ରିପାଠୀ, ବିଜୟ ବେହେରା, ବିଜୟ ଭୋଳ, ନାରୀନେତ୍ରୀ ରୀତା ପଟ୍ଟନାୟକ ଓ ଯୁବନେତା ଦୀପଦାସ ଯାଦବ ପ୍ରମୁଖ ମତବ୍ୟକ୍ତ କରିଥିଲେ । ଶେଷରେ ଯୁବନେତା ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ବିକଳ୍ପ ସମାଧାନ କେନ୍ଦ୍ରରେ ମଧ୍ୟସ୍ଥତା ଦ୍ୱାରା ମାମଲାର ସମାଧାନ

ଭୁବନେଶ୍ୱର, (ପି.ଏନ): ସ୍ଥାନୀୟ ମଣ୍ଡଳ ନ୍ୟାୟାଧିକାରୀଙ୍କ ସୁପାରିଶ କ୍ରମେ ଏକ ଘରୋଇ ହିଂସା (ଡି.ଭି.)-ସି.ଏମ୍.ସି-୪୩୪ -୨୦୨୨ ମାମଲାର ବିକଳ୍ପ ସମାଧାନ କେନ୍ଦ୍ରକୁ ଆପୋଷ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ପାଇଁ ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର,ଭୁବନେଶ୍ୱରରେ ଆଗତ କରାଯାଇଥିଲା । ମଧ୍ୟସ୍ଥତା କେନ୍ଦ୍ରର ତାଲିମ ପ୍ରାପ୍ତ ଦକ୍ଷ ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ ଆବେଦନକାରୀ ରେବତୀ ପ୍ରଧାନ ଓରଫ ରାଉତ ଏବଂ ଅପରପକ୍ଷ ସୁଶାନ୍ତ ପ୍ରଧାନ ଏବଂ ଅନ୍ୟମାନଙ୍କୁ ବାରମ୍ବାର କାଉନସେଲିଂ କରି ଉଭୟ ପକ୍ଷକୁ ବୁଝାଇବାରେ ସମର୍ଥ ହୋଇଥିଲେ । ଉଭୟ ସ୍ୱାମୀ ଓ ସ୍ତ୍ରୀ ପୂର୍ବ ରାଗ , ରୋଷ ଭୁଲି ଏକତ୍ର ସହାବସ୍ଥାନ କରିବାକୁ ଏବଂ ପିଲାମାନଙ୍କର ଯତ୍ନ, ସେମାନଙ୍କର ଉନ୍ନତି ,ଶିକ୍ଷା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ତ ଦାୟିତ୍ୱ ନେବେ ବୋଲି ପ୍ରତିଶ୍ରୁତି ବହନ ଦେବ ।

ବିଜେପି ମହିଳା ମୋର୍ଚ୍ଚା ତରଫରୁ ରାଜମାତା ବିଜୟାରାଜେ ସିନ୍ଧିଆଙ୍କ ଜନ୍ମ ଜୟନ୍ତୀ ପାଳିତ

ଭୁବନେଶ୍ୱର, (ପି.ଏନ): ରାଜମାତା ସିନ୍ଧିଆ ଅନୁଶାସନ ଓ ବିଚାରଧାରାର ସଂସ୍କାର ଆଣିଥିଲେ । ଭାରତୀୟ ଜନତା ପାର୍ଟିର ମହିଳାମାନଙ୍କ ଭୂମିକାକୁ ଗୁରୁତ୍ୱରେ ଆଣିଥିବା ଓ ସମାଜରେ ମହିଳାଙ୍କୁ ପର୍ଦ୍ଧାରୁ ବାହାର କରି ମୁଖ୍ୟସ୍ରୋତରେ ଯୋଡି ସଶକ୍ତିକରଣ କରିବା ରାଜମାତାଙ୍କ ଅବଦାନ ଅତୁଳନୀୟ । ଯାହା ମହିଳାଙ୍କୁ ନେଇ ତାଙ୍କର ସ୍ୱପ୍ନ ଥିଲା ପରବର୍ତୀ ସମୟରେ ବାଜପେୟୀଙ୍କ ସରକାରରେ ମହିଳା ସଶକ୍ତିକରଣ ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ସାକାର ହେଲା । ମହିଳାମାନେ ରାଜନୈତିକ, ଆର୍ଥିକ, ସାମାଜିକ କ୍ଷେତ୍ରରେ କିପରି ସ୍ୱାବଲମ୍ବୀ ହେବେ ସେନେଇ ରାଜମାତା ସଦାସର୍ବଦା ଚେଷ୍ଟା କରୁଥିଲେ । ନିସ୍ୱାର୍ଥପରତା, ତ୍ୟାଗ ଓ ବଳୀଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟ କାର୍ଯ୍ୟାଳୟଠାରେ ରାଜମାତା ସ୍ୱର୍ଗତଃ ବିଜୟରାଜେ ସିନ୍ଧିଆ ଜନ୍ମ ଜୟନ୍ତୀ ପାଳନ ଅବସରରେ ମତପ୍ରକାଶ ପାଇଛି । ରାଜମାତା ସ୍ୱାଭାବରେ ଥିଲେ ଅତି ସରଳ । ରାଜମାତା ରାଜନୀତିରେ ଏକ ନୂଆ କିର୍ତୀମାନ ସ୍ଥାପନା କରିଥିଲେ । ଭାରତୀୟ ଜନତାପାର୍ଟିର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆଜି ରାଜମାତା ବିଜୟାରାଜେ ସିନ୍ଧିଆଙ୍କ ୧୦୩ତମ ଜନ୍ମ ଜୟନ୍ତୀ । ରାଜମାତା ମଧ୍ୟପ୍ରଦେଶଠାରେ ୧୨ ଅକ୍ଟୋବର ୧୯୧୯ ମସିହାରେ ଜନ୍ମ ହୋଇଥିଲେ । ଶ୍ରୀମତୀ ସିନ୍ଧିଆ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠାତା ସଦସ୍ୟା ଥିଲେ । ରାଜମାତାଙ୍କ ବିଚାରଧାରାକୁ ଆଦର୍ଶ ଭାବେ ଗ୍ରହଣ କରି କାର୍ଯ୍ୟ କରାଯାଉଛି । ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକଙ୍କ ଆୟୋଜନରେ ହୋଇଥିବା ଶ୍ରଦ୍ଧାଞ୍ଜଳୀ ସଭାରେ ମଂଚ ସଂଚାଳନ କରିଥିଲେ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଶ୍ରୀମତୀ କାନନବାଳା ପଟ୍ଟନାୟକ । ଏହି ଅବସରରେ ବରିଷ୍ଠ ନେତା ତଥା ବୁଦ୍ଧିଜୀବୀ ପ୍ରକୋଷ୍ଠ ସଂଯୋଜକ ସର୍ଜନ ଶର୍ମା, ପୂର୍ବତନ ସାଂସଦ ତଥା ରାଜ୍ୟ ଉପସଭାପତି ବଳଭଦ୍ର ମାଝୀ, ରାଜ୍ୟ ଉପସଭାନେତ୍ରୀ ପ୍ରଭାତି ପରିଡା, ଅନିତା ଶୁଭଦର୍ଶୀନି ପଟ୍ଟନାୟକ, ରାଜ୍ୟ ସଂପାଦିକା ପିଙ୍କି ପ୍ରଧାନ, ଡ.ଯତିନ ମହାନ୍ତି, ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଂପାଦିକା ଐଶ୍ୱର୍ଯ୍ୟା ବିଶ୍ୱାଳ, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ନିୟତି ଗିରି, କସ୍ତୁରୀ ମିଶ୍ର, ମହିଳା ମୋର୍ଚ୍ଚା ସଂପାଦିକା ରଶ୍ମିରେଖା ଦାସ, ମହିଳାମୋର୍ଚ୍ଚ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରଶ୍ମିମୟୀ ପଟ୍ଟନାୟକ, ଡ. ପ୍ରତୀପ୍ରତିଭା ଭୋଳ, ଭୁବନେଶ୍ୱର ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ମନ୍ଦାକିନି ପାତ୍ର ଓ ସାଧାରଣ ସଂପାଦିକା ଲିପା ଦାଶଙ୍କ ଅନ୍ୟାନ୍ୟ ବିଶିଷ୍ଟ କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ଥିଲେ ।

ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ । ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ । ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତା ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି । ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚତ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି । ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ରେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି । ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି । ୦.୩ ମିଟର ହିସାବରେ୍ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି । ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି । ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ । ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି । ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୁର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ପର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି । ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦ୍ଦାରଣ ମଧ୍ୟ ରହିଛି । ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଡ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି । ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି ।ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି ।

ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି । ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି । ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି । ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ । ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍‌ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି । ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ । ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ । ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ ।

ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ

ଡେଙ୍ଗୁ ପ୍ରତିଷେଧକ ନିଜ ହାତରେ

ସମ୍ପ୍ରତି ସାରା ଭାରତରେ ଡେଙ୍ଗୁ ରୋଗର ଆତଙ୍କ ଖେଳିଯାଇଛି। ଧୀରେଧୀରେ ଏହା ମହାମାରୀର ରୂପ ନେଉଛି। ନିକଟଅତୀତରେ ଭାରତର ରାଜଧାନୀ ଦିଲ୍ଲୀରେ ହଜାର ହଜାର ଲୋକ ଡ଼େଙ୍ଗୁରେ ଆକ୍ରାନ୍ତ ହୋଇଥିଲେ ଓ ସେତେବେଳେ ୧୬ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ଏମାନଙ୍କ ମଧ୍ୟରେ ଜଣେ ଓଡ଼ିଆ ଶିଶୁ ରହିଥିଲା, ଯାହାର ମୃତ୍ୟୁରେ ମର୍ମାହତ ହୋଇ ଶିଶୁର ବାପା ଓ ମା' ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିଲେ। ସେଥିପାଇଁ ସାରା ରାଜ୍ୟରେ ଦୁଃଖର ଛାୟା ଖେଳିଯାଇଥିଲା। କଟକ ବଡ଼ ମେଡ଼ିକାଲ୍ ସମେତ ବ୍ରହ୍ମପୁର, ବୁର୍ଲା ଓ ରାଉରକେଲାରେ ମଧ୍ୟ ଡ଼େଙ୍ଗୁ ରୋଗୀଙ୍କ ଭିଡ଼ ଲାଗିଗଲାଣି। ଅନେକଙ୍କର ମୃତ୍ୟୁ ଘଟିସାରିଲାଣି। ସତର୍କତା ସହିତ ସବୁ ଜିଲ୍ଲା ସଦର ମହକୁମା ହସ୍ପିଟାଲ୍‌ରେ ଡ଼େଙ୍ଗୁ ଚିକିତ୍ସା ପ୍ରକୋଷ୍ଠ ଖୋଲିବାକୁ ଆଦେଶ ଜାରି ହେଲାଣି। ଆଉ ସରକାର ଲୋକମାନଙ୍କ ପାଇଁ ବାର୍ତ୍ତା ଦେଉଛନ୍ତି ଯେ, ଡ଼େଙ୍ଗୁରୋଗ ପାଇଁ ମାଗଣାରେ ଚିକିତ୍ସା କରାଯିବ। ଏହି ମାଗଣା ଚିକିତ୍ସା ଶବ୍ଦଟି ଶୁଣିବାକୁ ମଧୁର ଲାଗିଲେ ବି ଏହା ସଂପୂର୍ଣ୍ଣ ହାସ୍ୟାସ୍ପଦ। ଏହା ସମସ୍ତେ ଜାଣିବା ଉଚିତ ଯେ, ଡ଼େଙ୍ଗୁରୋଗର କୌଣସି ସଫଳ ଚିକିତ୍ସା ପଦ୍ଧତି ବର୍ତ୍ତମାନ ସୁଦ୍ଧା ବାହାରି ପାରିନାହିଁ। ଏହା ଏକ ଭୂତାଣୁ ବା ଭାଇରସ୍ ଦ୍ୱାରା ସଂକ୍ରମିତ ରୋଗ। ଏହି ରୋଗର କୌଣସି ପ୍ରତିଷେଧକ ଟୀକା ବାହାରିନାହିଁ। ଡ଼େଙ୍ଗୁ ଭାଇରସ୍ ଫ୍ଲାବୋ ଭାଇରସ୍ ଗୋଷ୍ଠୀର ଅନ୍ତର୍ଭୁକ୍ତ। ଡ଼େଙ୍ଗୁରୋଗ ଛଡ଼ା ଏମାନେ ଯେଲୋ ଫିବର୍, ଜାପାନୀ ଜେନ୍‌କେପାଲାଇଟିସ୍ ଚିକନ୍‌ଗୁନିଆ, କାୟାସୁର ଫରେଷ୍ଟ ଡ଼ିଜିଜ୍ ଭଳି ଭୂତାଣୁଜନିତ ମାରାତ୍ମକ ରୋଗର କାରଣ ଅଟନ୍ତି। ଡ଼େଙ୍ଗୁରୋଗ ଅନ୍ୟ ଇନ୍‌ଫ୍ଲୁଏଞ୍ଜା ଭୂତାଣୁ ରୋଗ ଭଳି ଆରମ୍ଭ ହୋଇଥାଏ। ମାତ୍ର ଏଥିରେ ଭୟଙ୍କର ମୁଣ୍ଡବ୍ୟଥା, ଦେହବ୍ୟଥା ଓ ଆଣ୍ଠୁବ୍ୟଥା ହୋଇଥାଏ। ବ୍ୟଥାରେ ହାଡ଼ ଭାଙ୍ଗିଗଲା ଭଳି ଲାଗେ। ତେଣୁ ଏହାକୁ ବ୍ରେକ୍‌ବୋନ୍ ଡ଼ିଜିଜ୍ ମଧ୍ୟ କୁହାଯାଏ। ଅଧିକାଂଶ କ୍ଷେତ୍ରରେ ଏହି ରୋଗ ଛାଏଁ ଛାଏଁ ଭଲ ହୋଇଯାଏ। ମାତ୍ର କେତେକ ବିଶେଷ କ୍ଷେତ୍ରରେ ଶରୀରର ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ହୁଏ। ରକ୍ତଚାପ କମି ରୋଗୀର ମୃତ୍ୟୁ ଘଟେ। ଡେଙ୍ଗୁର ବାହକ ହେଉଛି ମଶା। ଏହି ମଶାକୁ ଏଡ଼ିସ୍ ବୋଲି କୁହନ୍ତି। ଏହି ମଶା ବଡ଼ବଡ଼ ଓ ପ୍ରଜାପତି ଭଳି ଚିତ୍ରିତ। ସକାଳ ଓ ସନ୍ଧ୍ୟାରେ ଏମାନେ ମଣିଷକୁ ବେଶୀ କାମୁଡ଼ନ୍ତି ଓ ରୋଗର ଭୂତାଣୁ ଛାଡ଼ି ଦିଅନ୍ତି। ଏହି ମଶାମାନେ ନିର୍ମଳ ଓ ସ୍ଥିର ଜଳରେ ବଂଶ ବିସ୍ତାର କରନ୍ତି। ଘର ଭିତରେ ଓ ବାଡ଼ିରେ ବହୁଦିନ ଧରି ରହିଥିବା ଅଦରକାରୀ ଓ ଅବ୍ୟବହୃତ ଜଳ ଏମାନଙ୍କ ବଂଶବୃଦ୍ଧିରେ ସାହାଯ୍ୟ କରେ। ବାଡ଼ିରେ ପଡ଼ିଥିବା ଭଙ୍ଗା ବାଲ୍‌ଡି, ଭଙ୍ଗାଟିଣ ଓ ପୁରୁଣା ଟାୟାର୍‌ରେ ଜମି ରହିଥିବା ପାଣି ଏହି ରୋଗକୁ ଆମନ୍ତ୍ରଣ କରେ। କୁଲର୍‌ରେ ରହୁଥିବା ଅବ୍ୟବହୃତ ଜଳ ମଧ୍ୟ ମଶା ବୃଦ୍ଧି କରେ। ଜଣେ ଗୃହସ୍ଥ ମାତ୍ର ୧୫ ମିନିଟ୍ ପରିଶ୍ରମ କଲେ, ତାଙ୍କ ବାଡ଼ି ବଗିଚାରୁ ଏଭଳି ଜଳର ଉତ୍ସକୁ ଉଚ୍ଛେଦ କରିବା ସଙ୍ଗେସଙ୍ଗେ ନିଜକୁ ଡ଼େଙ୍ଗୁ ରୋଗରୁ ରକ୍ଷାକରିପାରିବେ। ହେଲେ ଏହି ସାମାନ୍ୟ କଥାଟିକୁ ଆମେ କରିବାକୁ ଭୁଲି ଯାଉଛୁ। ସରକାରୀ ଅଫିସ୍, ନିର୍ମାଣ ବିଭାଗ ଇତ୍ୟାଦିରେ ଶହଶହ ଖୋଲା ଡ୍ରମ୍ ପଡ଼ି ରହୁଛି ଓ ସେଗୁଡ଼ିକରେ ପାଣି ଜମୁଛି। କାମ କଲା ପରେ ଠିକାଦାରମାନେ ସେଗୁଡ଼ିକୁ ଫିଙ୍ଗିଦେଇ ଯାଉଛନ୍ତି। ଯନ୍ତ୍ରୀ ମାନେ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ନିକଟ ଅତୀତରେ ଏହିଭଳି କାରଣ ଯୋଗୁ କଳିଙ୍ଗନଗର ଅଞ୍ଚଳରେ ଡ଼େଙ୍ଗୁ ରୋଗ ବ୍ୟାପିଥିଲା। ପ୍ରତିବର୍ଷ ଡ଼େଙ୍ଗୁରୋଗ ଆରମ୍ଭ ହେଲେ ସରକାରଙ୍କର ରୋଗକଥା ମନେପଡ଼େ। ନିଧି ମଉସା ରଥ ଘାଇଁ ଘାଇଁ ଘୂରିବୁଲେ। ସଚେତନତା ନାଁରେ ସଭାମାନ ହୁଏ। ଏନ୍‌ଜିଓମାନେ ମାଲାମାଲ୍ ହୁଅନ୍ତି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ହୋଡ଼ିଂମାନ ଲାଗେ। ଖବରକାଗଜ ମାନଙ୍କରେ ବିଜ୍ଞାପନ ଦିଆଯାଏ। ଏସବୁରେ ଯେତେ ଟଙ୍କା ଖର୍ଚ୍ଚ ହୁଏ, ତାହାର ଅଧା ଟଙ୍କାରେ ବୋଧେ ସାରା ରାଜ୍ୟରେ ଥିବା ଡ଼େଙ୍ଗୁ ମଶାର ନିବାସ ସ୍ଥଳକୁ ଉଚ୍ଛେଦ କରାଯାଇପାରନ୍ତା। ଆମର ପ୍ରତି ସହର ଆବର୍ଜନାମୟ ହୋଇଗଲାଣି। ଯୁଆଡ଼େ ଦେଖିବ, କୁଡକୁଡ ମଇଳା। ଲୋକମାନେ ଘରୁ ଅଳିଆ ଆଣି ରାସ୍ତା ମଝିରେ ଫିଙ୍ଗୁଛନ୍ତି। ହୋଟେଲ୍‌ଗୁଡ଼ିକ ସବୁ ଅଇଁଠାପତ୍ର ଡ୍ରେନ୍‌ରେ ଅଜାଡ଼ି ଦେଉଛନ୍ତି। ଯୁଆଡ଼େ ଦେଖିବ, ପ୍ଲାଷ୍ଟିକ୍ ଗଦା ଗଦା। ରାସ୍ତା ବୁଡ଼ି ଡ୍ରେନ୍ ପାଣିର ସୁଅ। ଏଭଳି ଅବ୍ୟବସ୍ଥାକୁ ଦେଖିବାକୁ କେହି ନାହାନ୍ତି। ଆଜିକାଲି ସମସ୍ତେ ମନ୍ତ୍ରୀଙ୍କ ଲୋକ, ସମସ୍ତଙ୍କର ପଲିଟିକାଲ୍ ଲିଙ୍କ୍। କାହା ନାଁରେ କେଶ୍‌ଟା କଲେ, ଉପରୁ ଫୋନ୍ ଆସିବ, ସେ ଆମ ଲୋକ। ତେଣୁ ସ୍ୱାସ୍ଥ୍ୟ ନିରୀକ୍ଷକ, ପରିମଳ ନିରୀକ୍ଷକ ମାନେ ମାସିକିଆ ବଟି ନେଇ ଆଖି ବୁଜି ଚାଲି ଯାଉଛନ୍ତି। ପୁଲିସ୍ ବାବୁମାନେ କେଉଁଠି ଦୁଇ ବୋତଲ ମଦ କିମ୍ବା ଜୁଆଖେଳ ଧରି ଫଟୋ ଉଠାଉଛନ୍ତି ସିନା, ହେଲେ ଏସବୁ ପ୍ରତି ସାମାନ୍ୟ ଦୃଷ୍ଟି ଦେଉନାହାନ୍ତି। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଆମ ସରକାର ଲାଗିଲାଗି ଲୋକଙ୍କୁ ସାଧାରଣ ହେଲମେଟ୍‌ଟିଏ ପିନ୍ଧାଇପାରିଲେ ନାହିଁ। ସିଟ୍ ବେଲ୍ଟ ମଧ୍ୟ ଲାଗି ପାରିଲା ନାହିଁ। ତେଣୁ ଆମ ଦେଶରେ ଡ଼େଙ୍ଗୁ ହେବନାହିଁ ତ ଆଉ କେଉଁ ଦେଶରେ ହେବ!

ଡାକ୍ତର ସୁରେନ୍ଦ୍ରନାଥ ଦାଶ
ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ନବରଙ୍ଗପୁର,
ମୋ-୯୪୩୭୨୩୫୩୮୬

ବିଦ୍ୟୁତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ସହାନୁଭୂତିର ସହ ପୂରଣ କରାଯିବ

ବ୍ରହ୍ମପୁର (ପିଏନ୍): ବିଦ୍ୟୁତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସହାନୁଭୂତି ସହ ପୂରଣ କରାଯିବ ବୋଲି ଟିପିଏସଓଡିଏଲ ମୁଖ୍ୟ (ସିଇଓ) ଅରବିନ୍ଦ ସିଂ ପ୍ରକାଶ କରିଛନ୍ତି। ଓଏସଇବି ଶ୍ରମିକ ମହାସଂଘର ରାଜ୍ୟ ସଭାପତି ରମେଶ ଚନ୍ଦ୍ର ଶତପଥୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ଥାନୀୟ କୋର୍ଟପେଟାସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଦ୍ୱିପାକ୍ଷିକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କର୍ମଚାରୀମାନଙ୍କୁ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି, ପଦୋନ୍ନତି ଦେବାରେ ପାତରଅନ୍ତର, ତା୧.୧.୨୦୧୪ରିଖରୁ ଅଫିସ୍ ଆସିଷ୍ଟାଣ୍ଟ (ଓଏଜି)ମାନଙ୍କ ବକେୟା ଦରମା ପ୍ରଦାନ କରିବା, ଓପିଟିସିଏଲ ଭଳି ଟିପିଏସଓଡିଏଲରେ କାର୍ଯ୍ୟରତ ଟେକ୍ନିକାଲ କ୍ୟାଡରମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବା ସହ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ସମସ୍ୟାଗୁଡ଼ିକୁ ଗୁରୁତର ଭାବେ ବିଚାର କରି କୌଣସି କର୍ମଚାରୀଙ୍କ ପ୍ରତି ଯେଭଳି ଅନ୍ୟାୟ ନ ହୁଏ ସେଥିପ୍ରତି ଉପସ୍ଥିତ ଅଧିକାରୀ ଦୃଷ୍ଟି ଦେବାକୁ ସିଇଓ ସିଂ ପରାମର୍ଶ ଦେବା ସହିତ ଓଇଆରସି ଭେଷ୍ଟିଙ୍ଗ୍ ଅର୍ଡର ମୁତାବକ ସମସ୍ତ କର୍ମଚାରୀମାନଙ୍କୁ ନ୍ୟାୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ବୈଠକରେ ଟିପିଏସଓଡିଏଲର ମାନବ ସମ୍ବଳ ବିଭାଗର ମୁଖ୍ୟ ଅମିତ୍ ଅଗ୍ରୱାଲ, ପରିଚାଳକ ପ୍ରଭାତ କୁମାର ରାଉଳ, ଉପ-ପରିଚାଳକ ରାଜେଶ କୁମାର ତ୍ରିପାଠୀ, ପଙ୍କଜ କୁମାର ପରିଡ଼ା ଉପସ୍ଥିତ ଥିବା ବେଳେ କର୍ମଚାରୀ ସଂଗଠନର ସାଧାରଣ ସମ୍ପାଦକ ଜଗନ୍ନାଥ ମହାରଣା, ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ରଥ, କାର୍ଯ୍ୟକାରୀ ସଭାପତି ଏନ. ଭାସ୍କର ରାଓ, କାଳି ପ୍ରସାଦ ମହାପାତ୍ର, ଅଜିତ କୁମାର ପାତ୍ର, ପ୍ରମୋଦ କୁମାର ଦାଶ, ନରୋତ୍ତମ ବେହେରା, ପ୍ରଦୀପ କୁମାର ବିଷୋୟୀ, ନୀଳମାଧବ ଦାଶ, ଅଶୋକ କୁମାର ପଟ୍ଟନାୟକ, ଶିବ ଶଙ୍କର ଦାଶ, ଅଲୋକ କୁମାର ପାଢ଼ୀ, ଗୌରହରି ସାମଲ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପସ୍ଥାପିତ କରିଥିଲେ।

ବ୍ରାହ୍ମଣୀ ନଦୀ ଜଳ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ଦାବି

ଧର୍ମଶାଳା (ପିଏନ୍): ବ୍ରାହ୍ମଣୀ ନଦୀରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଥିବାରୁ ନଦୀ ଅବବାହିକାରେ ବସବାସ କରୁଥିବା ଲୋକମାନଙ୍କ ବ୍ୟବହାର ପାଇଁ ଅନୁପଯୁକ୍ତ ହୋଇଛି। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ରିପୋର୍ଟରେ ଏହି ନଦୀର ଜଳ ବହୁଳ ପରିମାଣରେ ପ୍ରଦୂଷିତ ହୋଇଥିବା ଜଣାଯାଇଛି। ନଦୀଜଳକୁ ପ୍ରଦୂଷଣ ମୁକ୍ତ କରିବାକୁ ବିଭିନ୍ନ ସଙ୍ଗଠନ ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ବ୍ରାହ୍ମଣୀ ଓ ଏହାର ଶାଖା କେଲୁଅ ନଦୀ ପାର୍ଶ୍ୱରେ ଥିବା ଧର୍ମଶାଳା ବ୍ଲକର ୨୦ ଗୋଟି ପଂଚାୟତ ଲୋକେ ଏହି ନଦୀ ପାଣି ଉପରେ ନିର୍ଭର କରିଥାନ୍ତି। ନଦୀର ପ୍ରଦୂଷିତ ଜଳକୁ ବ୍ୟବହାର କରିବା ଫଳରେ ଲୋକେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ସେହିପରି ଚାଷଜମିରେ ଏହି ପାଣି ବ୍ୟବହାର ହେବା ଫଳରେ ଜମିର ଉର୍ବରତା ହ୍ରାସ ପାଇବା ସହିତ ଫସଲାହାନୀ ଘଟୁଛି। ପ୍ରଦୂଷଣ ବୋର୍ଡ ରିପୋର୍ଟ ଅନୁଯାୟୀ ଏହି ନଦୀର ଏକ ଲିଟର ଜଳରେ ୬.୩ ମିଲିଗ୍ରାମ ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ (ବିଓଡି) ରହିଛି। ଏକ ଲିଟର ପାଣିରେ ତିନି ମିଲିଗ୍ରାମରୁ ଅଧିକ ଡିଓଡି ରହିଲେ ଏହା ପ୍ରଦୂଷିତ ହୋଇଥାଏ। ନଦୀ ଜଳର ପ୍ରଦୂଷଣ ହ୍ରାସ, ଜଳପ୍ରବାହ ଚିରନ୍ତନ କରିବା, ଅଳିଆଆବର୍ଜନା ନଦୀକୁ ନଫିଙ୍ଗିବା, ଘରୋଇ ଓ କଳକାରଖାନାର ବର୍ଜ୍ୟବସ୍ତୁ ନଦୀକୁ ନଛାଡିବା ପାଇଁ ସରକାର ପଦକ୍ଷେପ ନେବାକୁ ଧର୍ମଶାଳା ଅଂଚଳର ପରିବେଶବିତ, ବୁଦ୍ଧିଜୀବୀ, ବ୍ରହ୍ମଣୀ ବଂଚାଅ କମିଟି ପକ୍ଷରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, କୃଷକ ନେତା ବସନ୍ତ ପରିଡା, ଓ ଦେବବ୍ରତ ରାଉତ ପ୍ରମୁଖ ଦାବି କରିଛନ୍ତି।

ଅର୍ଚ୍ଚନା ନାଗର ଅଟ୍ଟାଳିକାକୁ ସରକାରୀ ବେଶ୍ୟାଳୟ କରାଯାଇଥିଲା

ଭୁବନେଶ୍ୱର (ପିଏନ୍)- ରାଣୀ ମହୁମାଛି ଅର୍ଚ୍ଚନା ନାଗର ରଙ୍ଗମହଲଙ୍କୁ ଶାସକ ଦଳର ବିଧାୟକ, ମନ୍ତ୍ରୀ, ପୂର୍ବତନ ବାଚସ୍ପତି, ଆଇପିଏସ ଓ ଆଇଏସ ଅଫିସର ଏବଂ ପ୍ରତିଷ୍ଠିତ ବ୍ୟବସାୟୀମାନେ ନିୟମିତ ଯାଉଥିଲେ ଏବଂ ପ୍ରଶାସନର ଜ୍ଞାତସାରରେ ଏହା ଚାଲୁଥିଲା ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନଓ୍ୱାଜ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯେପରି କଳାହାଣ୍ଡି ମହାଲିଂଗ କଲେଜ ପରିସରରେ ଏକ ରଂଗଶାଳା ଖୋଲାଇଥିଲେ ସେହିପରି ନବୀନ ସରକାରଙ୍କ ପକ୍ଷରୁ ରାଣୀ ମହୁମାଛି ଅର୍ଚ୍ଚନା ନାଗଙ୍କ ବିଳାସପୂର୍ଣ୍ଣ ଅଟ୍ଟାଳିକାକୁ ସରକାରୀ ବେଶ୍ୟାଳୟ ଭାବେ ଖୋଲାଯାଇଥିଲା। ସେହି ରହସ୍ୟମୟୀ ମହିଳା ନିଜେ ଦେହ ବ୍ୟବସାୟ କରିବା ସହିତ ସେଠାରେ ଗ୍ରାହକମାନଙ୍କଠାରୁ ଚଢ଼ାଦର ନେଇ ସୁନ୍ଦରୀ ମହିଳା ଯୋଗାଇ ଦେଉଥିଲେ। ଗ୍ରାହକ ଯୋଗାଡ଼ କାର୍ଯ୍ୟରେ ଅର୍ଚ୍ଚନା ନାଗଙ୍କ ସ୍ୱାମୀ, ଖଗେଶ୍ୱର ପ୍ରଭୃତି ଅନେକ ଅପରାଧୀ ସଂପୃକ୍ତ ରହିଛନ୍ତି।

ପୋଲିସ ପ୍ରଶାସନ ଜାଣିଶୁଣି ଚୁପ କାରଣ ଏଥିରେ ବଡ଼ ବଡ଼ ପୋଲିସ ଅଫିସର ଗ୍ରାହକ ଭାବରେ ରହିଛନ୍ତି ବୋଲି ଅଭିଯୋଗ ହେଉଛି। ପୋଲିସ ପାଖରେ ଏ ବେଶ୍ୟାଳୟର କାରବାର ସଂପର୍କରେ ଖବର ଥିଲା ମାତ୍ର କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାହସ ନଥିଲା। ଅର୍ଚ୍ଚନାର ହାତ ତୃତୀୟ ମହଲା, ସଚିବାଳୟ ପର୍ଯ୍ୟନ୍ତ ଲମ୍ବିଥିଲା। ସଚିବାଳୟକୁ ସାମ୍ବାଦିକମାନେ ଯିବା ମନାଥିବା ବେଳେ ଅର୍ଚ୍ଚନା ନାଗଙ୍କୁ କୌଣସି ପ୍ରତିବନ୍ଧକ ନଥିଲା। ନବୀନ ସରକାର ଏହି ଘୃଣ୍ୟ ଘଟଣାକୁ ଚପାଇଦେବାପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛି। ଅର୍ଚ୍ଚନା ନାଗର ଗୁପ୍ତ ପେଡ଼ିରେ ବହୁ ପ୍ରତିଷ୍ଠିତ ଲୋକଙ୍କ ସଂପର୍କରେ ତଥ୍ୟ ଲୁଚି ରହିଛି। ଯେହେତୁ ନେତା, ଉଚ୍ଚପଦସ୍ଥ ଅଫିସର ଏହି ଘଟଣା ସହ ଜଡ଼ିତ ତେଣୁ ଏହାର ତଦନ୍ତ ବାଟମାରଣା ହେବ ବୋଲି ଶ୍ରୀ ନଓ୍ୱାଜ ଅଭିଯୋଗ କରିଛନ୍ତି। ଏପରିକି ପୂର୍ବତନ ବାଚସ୍ପତି ସୂର୍ଯ୍ୟପାତ୍ରଙ୍କ ପ୍ରଭାବରେ ସେ ବିନା ଦ୍ୱିଧାରେ ବିଧାନସଭା ଭିତରେ ଘୁରି ବୁଲୁଛନ୍ତି। ଉଦ୍ଦେଶ୍ୟ ଥିଲା ସେଠି ବଡ଼ ବଡ଼ ଗ୍ରାହକ ଯୋଗାଡ଼ କରିବା। ଅର୍ଚ୍ଚନାର ର୍ୟାକେଟ ଭିତରକୁ ଯିଏ ପଶିଆସୁଥିଲା ସେଠୁ ମୁକୁଳିବା କଷ୍ଟ ଥିଲା। କାରଣ ସେମାନଙ୍କର ଅସଂଯତ ଅବସ୍ଥାର ଫଟୋ ଓ ଭିଡିଓ କୌଶଳକ୍ରମେ ଅର୍ଚ୍ଚନା ରଖିପାରୁଥିଲା। ଅର୍ଚ୍ଚନାର ମୋବାଇଲ, ଲାପଟପ, ପେନଡ୍ରାଇଭ ଓ ହାର୍ଡଡିସ୍କକୁ ବର୍ତମାନ ପୋଲିସ ଯାଂଚ ଆଳରେ ପ୍ରମାଣ ନଷ୍ଟ କରିବାର ସମ୍ଭାବନା ରହିଛି କାରଣ ରୁଚିକା ମହାନ୍ତିର ମୋବାଇଲ ପରୀକ୍ଷା ପାଇଁ ସିଂଗାପୁର ପଠାଯାଇଛି ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା ମାତ୍ର ତଦନ୍ତ ନାମରେ ମୋବାଲରୁ ସମସ୍ତ ପ୍ରମାଣ ନଷ୍ଟ କରିବା ଥିଲା ଉଦ୍ଦେଶ୍ୟ। ଏ ପର୍ଯ୍ୟନ୍ତ ସେ ତଥ୍ୟ ସାର୍ବଜନୀନ ହେଲାନାହିଁ। ତେଣୁ ପୋଲିସ କ'ଣ ତଦନ୍ତ କରିବ ସାଧାରଣ ଜନତା ତାହା ଜାଣନ୍ତି। ଏ ପର୍ଯ୍ୟନ୍ତ ମମିତା ମେହେର, ଧର୍ମେନ୍ଦ୍ର ସାହୁଙ୍କର ମୋବାଇଲର ଠିକଣା ନାହିଁ। ସବୁ ପ୍ରମାଣ ନଷ୍ଟ କରିଦିଆଯାଇଛି। ମନ୍ତ୍ରୀ ସମୀର ଦାସଙ୍କୁ ସୁରକ୍ଷା ଦିଆଯାଉଛି। କେସିଙ୍ଗାରେ ଅର୍ଚ୍ଚନା ନାଗର ତିନି ମହଲା ବିଶିଷ୍ଟ ସୁନ୍ଦର ଅଟ୍ଟାଳିକାକୁ ବେଆଇନ ଦର୍ଶାଇ ତହସିଲଦାର ଭାଙ୍ଗିବାକୁ ଯାଉଥିବା ବେଳେ କେଉଁ ବଡ଼ ଗ୍ରାହକଙ୍କ ଚାପରେ ତହସିଲଦାର କାନମୁଣ୍ଡ ଆଉଁସି ଫେରିଲେ ତାହା ତଦନ୍ତସାପେକ୍ଷ। ରାଜଧାନୀରେ ଖୁଲମଖୋଲା ବେଶ୍ୟାବୃତି ଚାଲିଛି। ଆଲୋଚନା ହେଉଥିଲା ସରକାର ମଦବିକ୍ରିକୁ ପ୍ରୋତ୍ସାହନ ଦେଉଛନ୍ତି। ଏବେ ଚର୍ଚ୍ଚା ହେଉଛି ସରକାର ବେଶ୍ୟାଳୟକୁ ମଧ୍ୟ ପ୍ରୋତ୍ସାହନ ଦେଉଛନ୍ତି। ଅର୍ଚ୍ଚନାର ରଂଗମହଲକୁ କେଉଁମାନେ ଯାଉଥିଲେ, କେଉଁମାନଙ୍କ ଆକାଉଂଟରୁ ତାଙ୍କ ପାଖକୁ ମୋଟା ଅଙ୍କର ଟଙ୍କା ଯାଉଥିଲା ଏହାର ତଦନ୍ତ ହୋଇ ସାର୍ବଜନୀନ ହେଉ।

ବିଗତ ଦିନରେ କ୍ରାଇମବ୍ରାଂଚର ତଦନ୍ତ, ପୋଲିସ ତଦନ୍ତ ବାଟମାରଣା ହୋଇଛି। ଏଥିରେ ଯେହେତୁ ସରକାରୀ ଦଳର ନେତା ଓ ବଡ଼ ବଡ଼ ପ୍ରଶାସନିକ ଅଧିକାରୀ ସଂପୃକ୍ତ ରହିଛନ୍ତି, ତେଣୁ କ୍ରାଇମବ୍ରାଂଚ ଓ ପୋଲିସ ଏହାର ତଦନ୍ତ ସଠିକ ଭାବେ କରିବେ ନାହିଁ। ତଥ୍ୟ ଲୁଚାଇବା, ପ୍ରମାଣ ନଷ୍ଟ କରିବାର ସମ୍ଭାବନା ରହିଛି। ଏଣୁ ମାନ୍ୟବର ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏସଆଇଟି ତଦନ୍ତ ପାଇଁ ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରୁଛି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ କହିଥିଲେ ଯେ ରାଜ୍ୟ ସରକାରଙ୍କ ନୈତିକ ଅବକ୍ଷୟ ଘଟିଛି। ବିଜେଡ଼ି ଦଳର ମନ୍ତ୍ରୀ, ବିଧାୟକମାନେ ଏଥିରେ ସଂପୃକ୍ତ। ମାତ୍ର ନବୀନ ପଟ୍ଟନାୟକ ଏମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେବେନାହିଁ। ତୃତୀୟ ମହଲା ନୀରବ। ଇଡି ଏପର୍ଯ୍ୟନ୍ତ କୌଣସି ତଦନ୍ତ କରିନାହିଁ। ଯେଉଁମାନେ ଅର୍ଚ୍ଚନାକୁ ଅର୍ଥ ଦେଇଥିଲେ ଏବଂ ଅର୍ଚ୍ଚନା ଉପରେ ତୁରନ୍ତ ଇଡିର କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଯେହେତୁ ବିଜେପି ନେତୃବୃନ୍ଦ ଅର୍ଚ୍ଚନାର ମାୟାଜାଲ ଉପରେ ରହିଥିବାର ଅଭିଯୋଗ ହେଉଛି, ହୁଏତ ଇଡି ପ୍ରଭାବିତ ହୋଇପାରେ। ଜନସାଧାରଣଙ୍କ ସମ୍ମୁଖରେ ନବୀନ ସରକାରର ଚିତ୍ର କଳଙ୍କିତ ହୋଇଯାଇଛି। ପୋଲିସ ଉପରେ ଲୋକମାନେ ବିଶ୍ୱସନୀୟତା ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ସାଧୁତା ଓ ସ୍ୱଚ୍ଛତାର ଆହ୍ୱାନ ଦେଉଥିଲେ। ଆଜି ତାହା ପ୍ରହସନରେ ପରିଣତ ହୋଇଛି। ବିଜେପିର ବରିଷ୍ଠ ନେତାମାନେ ମଧ୍ୟ ଏହି ଯୌନ କେଳେଙ୍କାରୀରୁ ବାଦ ପଡ଼ିନାହାନ୍ତି। କମିଶନରେଟ ପୋଲିସର ବିଶ୍ୱସନୀୟତା ଉପରେ ସାଧାରଣ ଲୋକ ପ୍ରଶ୍ନ କରୁଛନ୍ତି। ଏହି ସମଗ୍ର ଘଟଣା ସଂପର୍କରେ ପ୍ରଶାସନ ସଂପୂର୍ଣ୍ଣ ଅବଗତ ଥିଲା। ମାତ୍ର ଯେହେତୁ 'କମଳଯାକ ବାଳ' ତେଣୁ କାହା ଉପରେ କାର୍ଯ୍ୟାନୁ

ସାଂସଦ ଅଚ୍ୟୁତ ସାମନ୍ତଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ

କନ୍ଧମାଳ,୧୨।୧୦(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ କନ୍ଧମାଳ ସଂସଦୀୟ କ୍ଷେତ୍ରର ବିଭିନ୍ନ କାର୍ଯ୍ୟକ୍ରମ ଯୋଗଦେଇଛନ୍ତି । ଫୁଲବାଣୀଠାରେ କନ୍ଧମାଳ ଜିଲ୍ଲା ବିଜେଡି ପକ୍ଷରୁ ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାର ପ୍ରସ୍ତୁତି ବୈଠକରେ ଅଚ୍ୟୁତ ସାମନ୍ତ ଯୋଗଦେବା ସହ ଏହାର ସଫଳ ଆୟୋଜନ ନେଇ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା କରିଥିଲେ । ଏହି ବୈଠକରେ ଜିଲ୍ଲା ବିଜେଡ଼ି ସଭାପତି ସରୋଜ କର୍ଣ୍ଣ, ମହିଳା ସଭାପତି ପୁନମ କହଁର, ଯୁବ ବିଜେଡ଼ି ସଭାପତି ବିଷ୍ଣୁ ମଲ୍ଲିକ, ଛାତ୍ର ବିଜେଡ଼ି ସୁନୀଲ୍ ସେଠି, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବିଜେଡ଼ି ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଶିବ ପ୍ରସାଦ ତ୍ରିପାଠୀଙ୍କ ସମେତ ଦଳର ବହୁ ଛାମୁଆକର୍ମୀ ଉପସ୍ଥିତ ଥିଲେ। ପରେ ଫିଫା ଫୁଟବଲ୍ ଫର ସ୍କୁଲ୍ କାର୍ଯ୍ୟକ୍ରମରେ ଯୋଗଦେଇ ସାଂସଦ, ଅଚ୍ୟୁତ ସାମନ୍ତ, କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ବିଧାୟକ ଅଙ୍ଗଦ କହଁର ତଥା ଜିଲ୍ଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ପ୍ରମୁଖଙ୍କ ଉପସ୍ଥିତିରେ ଜିଲ୍ଲାର ସମସ୍ତ ଉଚ୍ଚବିଦ୍ୟାଳୟକୁ ଫୁଟବଲ୍ ବିତରଣ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଫୁଟ୍‌ବଲ୍ ସମେତ ଅନ୍ୟାନ୍ୟ ଖେଳ ଖେଳିବା ପାଇଁ ସେ ଉତ୍ସାହିତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡ଼ାକୁ କିଭଳି ପ୍ରାଧାନ୍ୟ ଦେଉଛନ୍ତି ସେ ସମ୍ପର୍କରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ କ୍ରୀଡ଼ା ଶିକ୍ଷକମାନେ ଉପସ୍ଥିତ ଥିଲେ।ପରେ ସାଂସଦ, ଫୁଲବାଣୀ ପଞ୍ଚାୟତ ସମିତିର ଏକ ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକରେ ବିଧାୟକ ଅଙ୍ଗଦ କହଁର, ପଞ୍ଚାୟତ ସମିତି ଅଧ୍ୟକ୍ଷ ସସ୍ମିତା କହଁର, ଉପାଧ୍ୟକ୍ଷ ଶ୍ରୀନିବାସ ମଲ୍ଲିକ, ବିଡ଼ିଓ ପ୍ରବୀଣ କୁମାର ବାଣୁଆଙ୍କ ସମେତ ପଞ୍ଚାୟତ ସମିତି ସଦସ୍ୟମାନେ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ଏସବୁର ସୁଫଳ କିପରି ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ସାଂସଦ ଶ୍ରୀ ସାମନ୍ତ ପରାମର୍ଶ ଦେଇଥିଲେ ।ପରେ ବୌଦ୍ଧଠାରେ ଅକ୍ଟୋବର ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଆନ୍ତଃବିଦ୍ୟାଳୟ ବାଳିକା ଫୁଟବଲ୍ ନିମନ୍ତେ ବିଭିନ୍ନ ବିଦ୍ୟାଳୟକୁ ଫିଫା ଫୁଟବଲ୍ ଫର ସ୍କୁଲ୍ କାର୍ଯ୍ୟକ୍ରମରେ ଫୁଟବଲ୍ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ, ଜିଲ୍ଲାପାଳ ସତ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସିପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

୭ ଦିନରେ ଓଡିଶାକୁ ନାହିଁ ବାତ୍ୟା ଭୟ : ଗୁଜବକୁ ବିଶ୍ୱାସ ନକରିବାକୁ ଆଇଏମଡି ଡିଜିଙ୍କ ପରାମର୍ଶ

ଭୁବନେଶ୍ୱର,୧୨।୧୦(ପିଏନ):ବାତ୍ୟାର ୭ ଦିନ ପୂର୍ବରୁ ହେଉଥିବା ପୂର୍ବାନୁମାନ ସବୁଠୁ ଅଧିକ ବିଶ୍ୱାସଯୋଗ୍ୟ। ଆସନ୍ତା ୭ ଦିନ ମଧ୍ୟରେ ବଙ୍ଗୋପସାଗରେ ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ନାହିଁ। ଓଡ଼ିଶା ପାଇଁ ବାତ୍ୟାର କୌଣସି ଭୟ ନାହିଁ। ତେଣୁ ବାତ୍ୟାକୁ ନେଇ କୌଣସି ଗୁଜବକୁ ବିଶ୍ୱାସ ନ କରିବାକୁ ପରାମର୍ଶ ଦେଇଛନ୍ତି ଭାରତୀୟ ପାଣିପାଗ ସଂସ୍ଥାର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର। ସେ କହିଛନ୍ତି, ଗୋଟିଏ ମଡେଲକୁ ଆଧାର କରି ବାତ୍ୟାର ପୂର୍ବାନୁମାନ କରିବା ସମ୍ଭବପର ନୁହେଁ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ମଡେଲକୁ ପର୍ଯ୍ୟବେକ୍ଷଣ କରି ତାହାକୁ ଅନୁଶୀଳନ କରାଯାଏ। ଏଥିସହ ବୈଜ୍ଞାନିକ ଜ୍ଞାନକୌଶଳ, ମାନବ ସମ୍ବଳକୁ ବ୍ୟବହାର କରି କୌଣସି ସୂଚନା ଦିଆଯାଇଥାଏ। ତେଣୁ ଏହି ସଂସ୍ଥା ଅଧିକ ଭରସାଯୋଗ୍ୟ। ଭାରତୀୟ ପାଣିପାଗ ବିଭାଗର ଆକଳନର ସଠିକତା ଆମେରିକା, ଅଷ୍ଟ୍ରେଲିଆ, ଜାପାନ ପରି ବିକଶିତ ଦେଶର ପୂର୍ବାନୁମାନ ତୁଳନାରେ ବେଶ୍ ଭଲ, ସଠିକ ଓ ଭରସାଯୋଗ୍ୟ। ତେଣୁ କୌଣସି ବ୍ୟକ୍ତିବିଶେଷ, ଅନୁଷ୍ଠାନ କିମ୍ବା ମଡେଲର ପୂର୍ବାନୁମାନକୁ ଭରସା କରନ୍ତୁ ନାହିଁ। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନକୁ ବିଶ୍ୱାସ କରନ୍ତୁ ବୋଲି କହିଛନ୍ତି ଆଇଏମଡି ଡିଜି।ଉତର ଆଣ୍ଡାମାନ ସାଗରରେ ଗତକାଲି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ତାହା ପଶ୍ଚିମ-ଉତର ପଶ୍ଚିମ ଦିଗକୁ ଯାଇ ଧୀରେ ଧୀରେ ଦୁର୍ବଳ ହୋଇଯିବ। ଏହାପରେ ଆଉ ଏକ ଘୂର୍ଣ୍ଣିବଳୟ ଆସନ୍ତା ୧୭ କିମ୍ବା ୧୮ ତାରିଖରେ ଉତର ଆଣ୍ଡାମାନ ସାଗର ନିକଟସ୍ଥ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ। ତାହା ମଧ୍ୟ ପଶ୍ଚିମ-ଉତର ପଶ୍ଚିମ ଦିଗକୁ ଗତି କରିବ। ଅର୍ଥାତ ତାମିଲନାଡୁ, ଆନ୍ଧ୍ରପ୍ରଦେଶର ଦକ୍ଷିଣ ଭାଗକୁ ଗତି କରିବାର ସମ୍ଭାବନା ରହିଛି। ଏହା ବାତ୍ୟାରେ ପରିଣତ ହେବାର ସମ୍ଭାବନା ଲାଗୁ ନ ଥିବା ବେଳେ ଓଡ଼ିଶା ଉପରେ ମଧ୍ୟ ଏହାର କୌଣସି ପ୍ରଭାବ ପରିଲକ୍ଷିତ ହେବ ନାହିଁ।

ଧାମନଗର ଉପନିର୍ବାଚନ : ଅବନ୍ତୀ ଦାସ ହେଲେ ବିଜେଡି ପ୍ରାର୍ଥୀ

ଭୁବନେଶ୍ୱର,୧୨।୧୦(ପିଏନ):ଧାମନଗର ଉପନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ବିଜେଡି। ଉପନିର୍ବାଚନ ପାଇଁ ଶ୍ରୀମତୀ ଅବନ୍ତୀ ଦାସଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଶ୍ରୀମତୀ ଦାସ ବର୍ତମାନ ତିହିଡି ବ୍ଲକ ଅଧ୍ୟକ୍ଷା ରହିଛନ୍ତି। ମିଶନ ଶକ୍ତି ଏସଏଚଜିରେ ତାଙ୍କର ଦୀର୍ଘ ଦିନର ଅଭିଜ୍ଞତା ରହିଛି।ପ୍ରାର୍ଥୀ ଘୋଷଣା ପରେ ପ୍ରତିକ୍ରିୟା ଦେଇ ଶ୍ରୀମତୀ ଦାସ କହିଛନ୍ତି ଧାମନଗର ଉପନିର୍ବାଚନ ପାଇଁ ପ୍ରାର୍ଥୀ ଭାବେ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞ। ସେ ଆହୁରି କହିଛନ୍ତି ମୋର ନିର୍ବାଚନମଣ୍ଡଳୀର ଲୋକଙ୍କ ଉପରେ ଦୃଢ ବିଶ୍ୱାସ ଅଛି। ସେମାନେ ଆମକୁ ନିଶ୍ଚୟ ବିଜୟୀ କରାଇବେ। ଏହାସହ ସେ ଧାମନଗରବାସୀଙ୍କ ସହଯୋଗ କାମନା କରିଛନ୍ତି। ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି ସାମୁହିକ ନିଷ୍ପତି ହିଁ ବିଜୁ ଜନତା ଦଳର ଶକ୍ତି । ଧାମନଗର ଉପ-ନିର୍ବାଚନ ପାଇଁ ଜଣେ ମା'ଙ୍କୁ ସୁଯୋଗ ଦେଇ ମହିଳା ସଶକ୍ତୀକରଣର ନାରାକୁ ଆହୁରି ସୁଦୃଢ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ।

ରାଜ୍ୟରେ ନୂଆ ୧୦୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, (ପି.ଏନ) ରାଜ୍ୟରେ ଗୋଟିଏ ଦିନରେ ୧୦୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୫୧୫୩ କୁ ବୃଦ୍ଧି ପାଇଛି। ନୂଆ ଚିହ୍ନଟ ୧୦୩ ଆକ୍ରାନ୍ତଙ୍କ ମଧ୍ୟରୁ ୬୧ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୪୨ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି। ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୧୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୧୧୩ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୫୩୧୮ ରେ ପହଂଚିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୮୩ ରହିଛି । ରାଜ୍ୟରେ ନୂଆ ଚିହ୍ନଟ ହୋଇଥିବା ୧୦୩ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୧୧, କଟକ ଜିଲ୍ଲାରେ ୧୦, କେନ୍ଦୁଝର ଜିଲ୍ଲାରେ ୨ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି(ଓଡ଼ିଶୀ୩ୀକେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ବେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Thursday October 13, 2022 | ଭୁବନେଶ୍ୱର ଗୁରୁବାର, ଅକ୍ଟୋବର ୧୩,୨୦୨୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ଆନନ୍ଦପୁର ପୌରପାଳିକା ପ୍ରତି ଜିଲ୍ଲା ପ୍ରଶାସନର ଅବହେଳା ଓ ବୈମାତୃକ ମନୋଭାବ ପ୍ରତିବାଦରେ ନିର୍ବାଚିତ ପ୍ରତିନିଧି ମାନଙ୍କ ଧାରଣା

ଆନନ୍ଦପୁର.(ପି.ଏନ):ଆନନ୍ଦପୁର ପୌରପାଳିକା ପ୍ରତି ଜିଲ୍ଲା ପ୍ରଶାସନର ଅବହେଳା ଓ ବୈମାତୃକ ମନୋଭାବ ପ୍ରତିବାଦରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିର୍ବାଚିତ ପ୍ରତିନିଧିମାନେ ଧାରଣାରେ ବସିଛନ୍ତି । ଏହି ନିର୍ବାଚିତ ପ୍ରତିନିଧିମାନେ କେନ୍ଦୁଝର ଜିଲ୍ଲାପାଳଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ ମଧ୍ୟ ଜିଲ୍ଲାପାଳଙ୍କୁ ସାକ୍ଷାତ କରିପାରି ନଥିଲେ । ଅଭିଯୋଗ ଅନୁଯାୟୀ ଆନନ୍ଦପୁର ପୌରପାଳିକାରେ ବିଭିନ୍ନ ବିଭାଗରେ କର୍ମଚାରୀଙ୍କ ଅଭାବ, ବଦଳି ହୋଇଥିବା କର୍ମଚାରୀଙ୍କ ସ୍ଥାନରେ ନୂତନ କର୍ମଚାରୀଙ୍କ ଯୋଗଦାନ, ଅବସର ହୋଇଥିବା କର୍ମଚାରୀଙ୍କ ସ୍ଥାନରେ ନୂତନ କର୍ମଚାରୀ ନିଯୁକ୍ତି ପ୍ରଭୃତି ଦାବି ନେଇ ଶାସକ ବିଜେଡି ଓ ବିଜେପି ଦଳର ନିର୍ବାଚିତ ପ୍ରତିନିଧିମାନେ ଧାରଣାରେ ବସିଛନ୍ତି । ଆନନ୍ଦପୁର ପୌରପାଳିକାରୁ ଜନ୍ମ ଓ ମୃତ୍ୟୁ ପିକରଣ ସାର୍ଟିଫିକେଟ ପାଇଁ ନିର୍ଭର କରୁଥିବା ଆନନ୍ଦପୁର ବ୍ଲକର ୧୮ଗୋଟି ପଂଚାୟତ ଓ ପୌରପରିଷଦର ୧୬ଗୋଟି ୱାର୍ଡର ଜନସାଧାରଣ ସୁବିଧା ପାଉଥିବା ବେଳେ ଉକ୍ତ ବିଭାଗକୁ ଘଷିପୁରା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପୌରପାଳିକାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଉକ୍ତ ବିଭାଗକୁ ନ ଉଠାଇବା ପାଇଁ ପ୍ରତିନିଧିମାନେ ଦାବି କରିଛନ୍ତି । ଯଥାଶୀଘ୍ର ପୌରପାଳିକା ପ୍ରତି ହୋଇଥିବା ଅବହେଳାର ସମାଧାନ ଯଦି କରାନଯାଏ ତେବେ ଆଗାମୀ ଦିନରେ ଆନନ୍ଦପୁରର ସାଧାରଣ ଜନତା ଏହି ଆନ୍ଦୋଳନରେ ସାମିଲ ହୋଇ ଆହୁରି ତୀବ୍ରତର କରାଯିବ ବୋଲି ନିର୍ବାଚିତ ବିଜେପି ଓ ବିଜେଡି ଦଳର କାଉନ୍‌ସିଲରମାନେ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି । ଏହି ଆନ୍ଦୋଳନରେ ଉପ-ନଗରପାଳ ଦୁର୍ଗା ଚରଣ ଦଳେଇ, କାଉନ୍‌ସିଲର କୃଷ୍ଣଚନ୍ଦ୍ର ରଣା, ସନତ କର, ଜୟନ୍ତୀ ବେହାରା, ସୁପ୍ରିୟା ମିଶ୍ର, ରଶ୍ମିତା ବାରି, ସୁରେନ୍ଦ୍ର ଦାସ, ସମ୍ବିତ କୁମାର ଦାସ, ଲକ୍ଷ୍ମୀଧର ଦେହୁରୀ, ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆ, ଉର୍ବଶୀ ସାହୁ, ଲିନାରାଣୀ ସାହୁ, ମଣିଲତା ରାମ ପ୍ରମୁଖ ଧାରଣାରେ ବସିଥିବା ଦେଖିବାକୁ ମିଳିଛି ।

ବିଜେଡିର ଜନସମ୍ପର୍କ ପଦଯାତ୍ରା

କେନ୍ଦୁଝର,(ପି.ଏନ): ସଦର ନିର୍ବାଚନ ମଣ୍ଡଳୀ ଝୁମ୍ପୁରା ବ୍ଲକର ନାରଦପୁର, ଗୁମୁରା ଓ ନିଶ୍ଚିନ୍ତପୁର ପଂଚାୟତର ସମସ୍ତ ଗ୍ରାମରେ ଝୁମ୍ପୁରା ବିଜେଡି ପକ୍ଷରୁ ବୁଧବାର ଦିନ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଝୁମ୍ପୁରା ବ୍ଲକ ବିଜୁ ଜନତାଦଳର ସଭାପତି ମହମ୍ମଦ କଫିଲ ଆନସାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବା ବେଳେ ,କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ୧୬ନମ୍ବର ଜୋନ ର ଜିଲ୍ଲାପରିଷଦ ସଭ୍ୟା କ୍ଷୀରୋଦିନୀ ମହାକୁଡ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବାବୁରାମ ନାଏକ, ନାରଦ ପୁର ପଚଂାୟତର ସରପଚଂ ହେମତୀ ମୋଦୀ,ସମିତି ସଭ୍ୟ ଅଯୋଧ୍ୟା ନାଏକ, ଗୁମୁରା ପଚଂାୟତର ସମିତି ସଭ୍ୟ ଉଦୟନାଥ ପାତ୍ର, ନିଶ୍ଚିନ୍ତପୁର ପଚଂାୟତର ସରପଚଂ ପୁଷ୍ପାଚଂଳି ମୁଣ୍ଡାଙ୍କ ସମତେ ୩ ପଚଂାୟତର ଦଳୀୟ ସଭାପତି, ସମ୍ପାଦକ ତଥା ଅନ୍ୟ ବରିଷ୍ଠ କର୍ମକର୍ତାମାନେ ଉପସ୍ଥିତ ରହିଥିଲେ । ଜନସମ୍ପର୍କ ପଦଯାତ୍ରା ର ମୁଖ୍ୟ ଉଦ୍ଦେଶ୍ୟ ହେଲା - ବିଜେଡି ର କର୍ମକର୍ତାମାନେ ଲୋକଙ୍କ ସହିତ ଯୋଡି ହେବା ସହ ରାଜ୍ୟ ର ବିଜେଡି ସରକାର ରାଜ୍ୟବାସୀଙ୍କ ପାଇଁ କରିଥିବା ଜନ ହିତକର ଜୋଜନା ଗୁଡିକ ସମ୍ବନ୍ଧରେ ଜନସାଧାରଣ ଙ୍କୁ ଅବଗତ କରିବା । ଏହା ବ୍ୟତିତ ଯେଉଁ ଯୋଗ୍ୟ ହିତାଧିକାରୀ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରୁ ବଚିଂତ ସେମାନଙ୍କୁ କିପରି ସରକାଙ୍କ ଯୋଜନାରେ ସମିଲ କରାଯାଇ ପାରିବ ସେ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିଥିଲେ । ଏହି ଅବସରରେ ବିଜେଡି ଜିଲ୍ଲା ସଭାପତି ଶ୍ରୀ ସର୍ଦ୍ଦାର ଗୁମୁରା ପଚଂାୟତର ସରପଚଂ ତପନ କୁମାର ନାଏକ ଏବଂ ତାଙ୍କର ସହଯୋଗୀମାନଙ୍କୁ ବିଜେଡିରେ ବିଧିବଦ୍ଧ ଭାବେ ସାମିଲ କରିଥିଲେ । ସରପଚଂ ଶ୍ରୀ ନାଏକ ମଧ୍ୟ ବିଜେଡିର ନିତି ନୀୟମ ମାନିବା ସହ ଦଳର ଶୃଙ୍ଖଳା କୁ ବଜାୟ ରଖିବାକୁ ମତ ବ୍ୟକ୍ତ କରିଥିଲେ ।

ଟିକିରା ଗ୍ରାମରେ କୁମାର ପୂର୍ଣ୍ଣିମା ଓ ମହାଲକ୍ଷ୍ମୀ ପୂଜା

ଢେଙ୍କିକୋଟ,(ପି.ଏନ):ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ବଜାର ଉପକଣ୍ଠ ଆଦିବାସୀ ଗ୍ରାମ ଟିକିରା ଠାରେ ମହା ଆଡମ୍ବର ସହକାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଳିତ ହେଉଅଛି । ଏହି ଉପଲକ୍ଷେ କୁମାର ପୂର୍ଣ୍ଣିମାରେ ଗ୍ରାମର କୁମାରୀ କନ୍ୟାମାନେ ନୂତନ ବସ୍ତ୍ର ପରିଧାନ କରି ଚାନ୍ଦ ବନ୍ଦାପନା କରିବା ପରେ ମା'ଙ୍କୁ ଦର୍ଶନ କରି କୃପା ଭିକ୍ଷା କରିଥିଲେ । ଗ୍ରାମର ଆବାଳ ବୃଦ୍ଧ ବନିତା ମା'ମହାଲକ୍ଷ୍ମୀଙ୍କ ପୂଜାକୁ ଭକ୍ତିର ସହ ପାଳନ କରିବା ସହ ଏହି ପୂଜା ଏକ ସପ୍ତାହ ଧରି ଚାଲିବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଛି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେଉଥିବା

ଦିଲ୍ଲୀରେ ଇଞ୍ଜିନିୟର ଙ୍କ ଅମୂଲ୍ୟ ପାତ୍ରଙ୍କୁ ଭବ୍ୟ ଶ୍ରଦ୍ଧାଞ୍ଜଳି ପ୍ରଦାନ

ନୂଆଦିଲ୍ଲୀ, (ପି.ଏନ): ଦିଲ୍ଲୀଠାରେ ସ୍ୱର୍ଗତଃ ଇଞ୍ଜିନିୟର ଅମୂଲ୍ୟ ପାତ୍ରଙ୍କୁ ଭବ୍ୟ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଏଠାକାର ତ୍ୟାଗରାଜ ନଗରସ୍ଥିତ ଜଗନ୍ନାଥ ମନ୍ଦିରଠାରେ ଆୟୋଜିତ ଏକ ଶୋକସଭାରେ ଜାତୀୟ ରାଜଧାନୀ କ୍ଷେତ୍ରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଶ୍ରୀ ପାତ୍ରଙ୍କର ଅଭୁଲା ସ୍ମୃତିଚାରଣ କରିବା ସଙ୍ଗେ ସଙ୍ଗେ ତାଙ୍କର ଅମର ଆତ୍ମା ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ବରେଣ୍ୟ ବକ୍ତାମାନେ ବହୁବିଧ ସଫଳ ବ୍ୟକ୍ତିତ୍ୱର ଅଧିକାରୀ ଥିବା ଶ୍ରୀ ପାତ୍ରଙ୍କର ଅକାଳ ବିୟୋଗ ଯୋଗୁଁ ମର୍ମାହତ ବ୍ୟକ୍ତ କରିବା ସହିତ, ତାଙ୍କର ପରିବାର ଓ ପରିଜନଙ୍କ ପ୍ରତି ସମବେଦନା ଜ୍ଞାପନ କରିଥିଲେ । ପରଲୋକଗତ ଶ୍ରୀ ପାତ୍ର ଜଣେ ପାରଦର୍ଶୀ ସଫ୍ଟୱେୟାର ଯନ୍ତ୍ରୀ ଭାବେ ବୈଷୟିକ ଜଗତରେ ବେଶ ସୁନାମ ଅର୍ଜନ କରିବା ସାଙ୍ଗକୁ ଜଣେ ଦକ୍ଷ ସଂଗଠକ, ଦରଦୀ ବନ୍ଧୁ, ପରୋପକାରୀ, ମେଳାପି, ସତ୍ୟନିଷ୍ଠ, ସ୍ନେହୀ ଏବଂ ସରଳ ମଣିଷ ଭାବରେ ପ୍ରବାସୀ ଓଡ଼ିଆଙ୍କ ମହଲରେ ଖୁବ ପ୍ରଶଂସା ଭାଜନ ହେବା ସହିତ ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ବିଶେଷ କରି ତାଙ୍କର ପତ୍ନୀ ଏବଂ ପ୍ରସିଦ୍ଧ ନାରୀନେତ୍ରୀ ରୀତା ପାତ୍ରଙ୍କୁ ବିଜୟିନୀ ଫାଉଣ୍ଡେସନ ପ୍ରତିଷ୍ଠା କରିବା ତଥା ଏହା ଦ୍ୱାରା ବିଭିନ୍ନ ଜନହୀତକର ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଶ୍ରୀ ପାତ୍ର ବ୍ୟାପକ ପ୍ରେରଣା ଓ ପ୍ରୋତ୍ସାହନ ଯୋଗାଇ ଆସୁଥିଲେ ବୋଲି ସେମାନେ ସୂଚାଇ ଥିଲେ । କେନ୍ଦ୍ରାପଡ଼ା ଜିଲ୍ଲାର ମାନପୁର ଗ୍ରାମନିବାସୀ ପିତା ନୃସିଂହ ଚରଣ ପାତ୍ର ଏବଂ ମାତା ଶାନ୍ତିଲତା ପାତ୍ରଙ୍କର କନିଷ୍ଠ ପୁତ୍ର ସ୍ୱର୍ଗତଃ ପାତ୍ର, ତାଙ୍କର ଏକମାତ୍ର ପୁତ୍ର ଏବଂ ଏକାଦଶ ଶ୍ରେଣୀର ବାଣିଜ୍ୟ ଛାତ୍ର ଆଦିତ୍ୟଙ୍କୁ ଛାଡ଼ି ଯାଇଛନ୍ତି । ଶ୍ରଦ୍ଧାଞ୍ଜଳି ସଭାରେ ସୁନାମଧନ୍ୟ ସଙ୍ଗୀତଜ୍ଞ ଆଚାର୍ଯ୍ୟ ଅଭିମନ୍ୟୁ ଏବଂ ଲୋକପ୍ରିୟ ଗାୟିକା ସ୍ୱପ୍ନାରାଣୀ ରାଉତ ଭକ୍ତି ସଙ୍ଗୀତ ପରିବେଷଣ କରି ଶ୍ରୋତା ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ବାଦ୍ୟଯନ୍ତ୍ରରେ ସୁବୋଧ ପାଢ଼ୀ, ସୁରେଶ ଭଟ୍ଟ, ସତୀଶ କୁମାର ପ୍ରମୁଖ ସହଯୋଗ କରିଥିଲେ । ସୁଦକ୍ଷ ଉଦଘୋଷିକା ଇପ୍‌ସା ପ୍ରତିବିମ୍ବିତା ଷଡ଼ଙ୍ଗୀ ସଭାକାର୍ଯ୍ୟ ସୁଚାରୁ ରୂପେ ସଂଚାଳନା କରିଥିଲେ । ସ୍ୱର୍ଗତଃ ପାତ୍ରଙ୍କର ବଡ଼ ଭାଇ ଅଶୋକ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସମଗ୍ର ଆୟୋଜନକୁ ଲକ୍ଷ୍ମଣ ନାଥ ଓ ମୀନକେତନ ସାମଲ ସୁପରିଚାଳନା କରିଥିଲେ । ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ଗୋକୁଳ ପଟ୍ଟନାୟକ, ଅମରେନ୍ଦ୍ର ଖଙ୍ଗୁଆ, ଦେବେନ୍ଦ୍ର ମାଝୀ, ଦୀପକ ରଥ, ଡଃ ଅଶୋକ ଚୌଧୁରୀ, ଡଃ ପବନ ଗୁପ୍ତା, ବିରଜା ମହାପାତ୍ର, ପ୍ରଫେସର ସତ୍ୟ ଦାସ, ସୁନୀଲ ଭୂୟାଁ, ଗୋବର୍ଦ୍ଧନ ଧଳ, ନିର୍ମଳ ପଟ୍ଟନାୟକ, ଅକ୍ଷୟ ସାମଲ, ସୁଧାଂଶୁ ପାଢ଼ୀ, ଅକ୍ଷୟ ଓଝା, ସଞ୍ଜୟ ଦାସ, ଦେବରାଜ ମହାନ୍ତି, ସୁଜିତ ବିଶ୍ୱାଳ, ଅନିଲ ଜେନା, ଅନିଲ ସାହୁ, ଡଃ ଚନ୍ଦ୍ରମଣି ବ୍ରହ୍ମଦତ୍ତ, ଆଶିଷ ଶ୍ରୀବାସ୍ତବ, ପ୍ରିତମ ନାୟକ, ସଂଗ୍ରାମ ପାଢ଼ୀ, ବାସୁଦେବ ନାୟକ, ଗଜେନ୍ଦ୍ର ସାହୁ, ସୁଶାନ୍ତ ଚାନ୍ଦ, ଜ୍ଞାନ ନାୟକ, ବିଶିକେସନ ଶ, ପ୍ରଦ୍ୟୁମ୍ନ କୁମାର ପଲାଇ, ସନ୍ତୋଷ ରାଉତ, ଲକ୍ଷ୍ମୀ ନାରାୟଣ ବେବର୍ତ୍ତା, ପ୍ରତିମା ଶର୍ମା, ଡଃ ସୁଜାତା ପଣ୍ଡା, ପୁଷ୍ପାଞ୍ଜଳୀ ବାରିକ, ଜ୍ଞାନରଞ୍ଜନ ଜେନା, ସରିତା ମହାପାତ୍ର, ମଧୁ ଦାସ ଏବଂ ମନ୍ଦିର ପରିଚାଳକ ଅଶ୍ୱିନୀ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ ।

ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବାଳିକା ଶିଶୁ ଦିବସ ପାଳିତ

କେନ୍ଦୁଝର,(ପି.ଏନ): ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆନ୍ତର୍ଜାତିକ ବାଳିକା ଶିଶୁ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ୧୦ ଗୋଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ସଂଗୀତ, ବକ୍ତୃତା, ରଚନା ଲିଖନ,ଚିତ୍ରାଙ୍କନ,ସାଧାରଣ ଜ୍ଞାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ସକ୍ରୀୟ ଭାବେ ଅଂଶଗ୍ରହଣ କରିଥିଲେ । ଏହି ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ ଯୋଗଦେଇ ଝିଅମାନେ ସମ୍ମୁଖୀନ ହେଉଥିବା ଲିଙ୍ଗଗତ ସମାନତା, ହିଂସା,ସ୍ୱାସ୍ଥ୍ୟସେବା ଏବଂ ଅପରିପକ୍ୱ ବୟସରେ ବିବାହକୁ ଦୂର କରିବା ପାଇଁ ନାରୀ ଶିକ୍ଷାର ଆବଶ୍ୟକତା ଅଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଡିଏନ୍ ହାଇସ୍କୁଲ ର ପ୍ରଧାନଶିକ୍ଷୟିତ୍ରୀ ତୃପ୍ତିମୟୀ ପାତ୍ର ଯୋଗଦେଇ ଝିଅମାନେ ପାଠ ପଢି ଉତ୍ତମ ଶିକ୍ଷା ଗ୍ରହଣ କରି ଦେଶର ଉତ୍ତମ ନାଗରିକ ହୋଇ ଦେଶ ଗଠନରେ ସହାୟକ ହେବେ ବୋଲି କହିଥିଲେ । ଏହି ଅବସରରେ କୃତୀ ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଙ୍କ କରକମଳରେ ପୁରସ୍କୃତ କରାଯାଇଥିଲା ।

ଦେଓଗାଁ ବାଳିକା ଉଚ୍ଚ ବିଦ୍ୟାଳୟରେ ଅଘଟଣ, କାମ ନସୁରୁଣୁ ଖସିଲା ସିଲିଂ, ଅଳ୍ପକେ ବର୍ତ୍ତିଲେ ଛାତ୍ରୀ

ଘଷିପୁରା,(ପି.ଏନ):ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ ଦେଓଗାଁ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ରୂପାନ୍ତିକରଣ କାର୍ଯ୍ୟ ନସରୁଣୁ ସପ୍ତମ ଶ୍ରେଣୀ ଗୃହ ସିଲିଂର କିଛି ଅଂଶ ଖସି ପଡିଛି । ଯାହାକି ସମ୍ଭାବ୍ୟ ଦୁର୍ଘଟଣାରୁ ଅଳ୍ପକେ ଛାତ୍ରୀମାନେ ରକ୍ଷା ପାଇଛନ୍ତି । ସୂଚନା ଅନୁଯାୟୀ ଉକ୍ତ ବିଦ୍ୟାଳୟକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇ ପ୍ରାୟ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳରେ ରୂପାନ୍ତିକରଣ କରାଯାଇଥିଲା । ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ସହ ଜନୈକ ଠିକାଦାରଙ୍କ ତଦାରଖ ଅଭାବ ତଥା ନିମ୍ନମାନର କାର୍ଯ୍ୟ ଯୋଗୁଁ ବିଦ୍ୟାଳୟ ଶ୍ରେଣୀଗୃହର ହୋଇଥିବା ସିଲିଂର କିଛି ଅଂଶ ଖସି ପଡିଥିଲା । ଏହି ସମୟରେ ବିଦ୍ୟାଳୟ ଛୁଟି ହୋଇଯାଇଥିବାରୁ ସୌଭାଗ୍ୟ ବଶତଃ କୌଣସି ଛାତ୍ରୀ ମାନଙ୍କ ଉପରେ ପଡିନଥିବା ଜଣାପଡିଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ଜେନାଙ୍କ କହିବା ଅନୁସାରେ ଦଶହରା ଛୁଟି ସମୟରେ ମଧ୍ୟ ଅନ୍ୟ ଏକ ଶ୍ରେଣୀଗୃହରେ ସିଲିଂ ପଡିଥିଲା । ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଘଟଣା ସମ୍ପର୍କରେ ଅନୁଧ୍ୟାନ କରି ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଏବଂ ଠିକାଦାରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠୀଙ୍କ ନିକଟରେ ସାଧାରଣରେ ଦାବି କରାଯାଇଛି ।

ଖୋର୍ଦ୍ଧାରେ ଅକ୍ଷୟ ମହାନ୍ତି ଫାଉଣ୍ଡେସ୍‌ନ ଆନୁକୂଲ୍ୟରେ ସ୍ୱର୍ଗତ ମହାନ୍ତିଙ୍କର ୮୬ ତମ ଜନ୍ମ ଜୟନ୍ତୀ ପାଳିତ

ଖୋର୍ଦ୍ଧା,(ପି.ଏନ): କଳା, ସାହିତ୍ୟ ଓ ସଂସ୍କୃତି ମାଟି ଖୋର୍ଦ୍ଧାରେ ଓଡିଶା ଅକ୍ଷୟ ମହାନ୍ତି ଫାଉଣ୍ଡେସନ୍ ଟ୍ରଷ୍ଟ ଦ୍ୱାର ଟ୍ରଷ୍ଟର ସଭାପତି କଂଠଶାଳୀ, ଗୀତିକାର ତଥା ଆକାଶବାଣୀ ଓ ଦୂରଦର୍ଶନର ଉପସ୍ଥାପକ କବି ଚୈତନ୍ୟ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ସଙ୍ଗୀତ ଜଗତର ପ୍ରବାଦ ପୁରୁଷ ସ୍ୱର୍ଗତ ଅକ୍ଷୟ ମହାନ୍ତି ଙ୍କର ୮୬ ତମ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି । ଏହି ବର୍ଣ୍ଣାଢ୍ୟ ଜୟନ୍ତୀ ଉତ୍ସବରେ ଯୋଗଦେଇ ଶିକ୍ଷାବିତ ପ୍ରଫୁଲ ସାମନ୍ତରାୟ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, କାଳୀ ପ୍ରସାଦ ଚାଟର୍ଜୀ, ସାମ୍ବାଦିକ ପ୍ରଦୀପ ବେହେରା,ସମାଜ ପ୍ରତିନିଧି ରାମ ନାରାୟଣ ଦାଶ,ସକାଳର ପ୍ରତିନିଧି ରଣଜିତ ସାମନ୍ତରାଏ ପ୍ରମୁଖ ଯୋଗ ଦେଇ ଅକ୍ଷୟ ମହାନ୍ତିଙ୍କର ବହୁମୁଖୀ ପ୍ରତିଭାର ସ୍ମୃତି ଚାରଣ କରିଥିଲେ । ପ୍ରାରମ୍ଭରେ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧା ସୁମନ ବ୍ୟକ୍ତ କରିଥିଲେ । ପ୍ରାରମ୍ଭିକ ସୁଚନାରେ ଟ୍ରଷ୍ଟର ଅଧକ୍ଷ ଶ୍ରୀ ବେହେରା କହିଥିଲେ ଅକ୍ଷୟ ମହାନ୍ତିଙ୍କ ଭଳି ଉର୍ଦ୍ଧ ପ୍ରତିଭା ଟିଏ ଆଉ କ'ଣ ଓଡିଶାରେ ଜନ୍ମ ନେବେ ଯାହା ଏବେବି ସ୍ୱପ୍ନ ପ୍ରାୟ ! ତାଙ୍କ ପରି ସମକକ୍ଷ ତଥା ସାରସ୍ୱତ ସାଧକ ଉତ୍କଳର କଳା ଜଗତରେ ଅମୃତମୟ ବରପୁତ୍ର ଟିଏ ଆଉ ମିଳିବେ ନାହିଁ । ତାଙ୍କ ରଚିତ ଉପନ୍ୟାସ, ଗଳ୍ପ, ଭ୍ରମଣ କାହାଣୀ, ଗୀତି କବିତା ଓ ଆତ୍ମଲିପି ଉତ୍କଳର ବାଣୀଭଣ୍ଡାର କୁ ଋଦ୍ଧିମନ୍ତ ଓ ରଚିମନ୍ତ କରିଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray